Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ସଂଖ୍ୟା 18

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 04 ମଇ 2017 04 ହିଜ୍‌ରତ୍ 1396 ହି.ଶ 07 ଶାବାନ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ନିଜର ପାଂଚବେଳା ନମାଜକୁ ଏପରି ଭୟ ଓ ବିନମ୍ରତାର ସହି ପାଳନକର ଯେପରି ତୁମେ ଖୁଦାତଲାଙ୍କୁ ସମ୍ମୁଖରେ ଦେଖୁଅଛ ଏବଂ ନିଜ ରୋଜାକୁ ଅଲ୍ଲାଃଙ୍କ ପାଇଁ ସତ୍ୟତାର ସହ ପୁରଣ କର । ପ୍ରତ୍ୟେକ ବ୍ୟକ୍ତି ଯିଏ ଜକାତ ଦେବାପାଇଁ ଯୋଗ୍ୟ ସେ ଜକାତ ଦିଅନ୍ତୁ ଏବଂ ଯାହାଙ୍କ ଉପରେ ହଜ୍ କରିବା ଧାର୍ଯ୍ୟ ହୋଇସାରିଛି ସେ ବିନା ଦ୍ୱିଧାରେ ହଜ୍ କରନ୍ତୁ ।**

**ତୁମେ ଖୁଦାଙ୍କ ଶେଷ ଜମାତ ଅଟ । ତେଣୁ ଏପରି ପୁଣ୍ୟ କାର୍ଯ୍ୟ କର ଯାହା ନିଜ ସମ୍ପୂର୍ଣ୍ଣତାର ଶେଷ ସ୍ତରକୁ ପହଂଚିଥିବ ।**

**ଦେଖନ୍ତୁ ମୁଁ ବହୁତ ଖୁସିରେ ଖବର ଦେଉଛି ଯେ ତୁମର ଖୁଦା ବାସ୍ତବିକ ବିଦ୍ୟମାନ ଅଟନ୍ତି । ଯଦିଚ ସମସ୍ତେ ତାଙ୍କର ସୃଷ୍ଟଜ ଅଟନ୍ତି କିନ୍ତୁ ସେ ସେହି ବ୍ୟକ୍ତିକୁ ଚୟନ କରିଥାନ୍ତି ଯିଏ ତାଙ୍କୁ ବାଛିଥାଏ । ସେ ତାଙ୍କ ନିକଟକୁ ଚାଲିଆସନ୍ତି ଯିଏ ତାଙ୍କ ପାଖକୁ ଆସିଥାଏ । ଯିଏ ତାଙ୍କୁ ସମ୍ମାନ କରେ ସେ ତାଙ୍କୁ ମଧ୍ୟ ସମ୍ମାନ କରିଥାନ୍ତି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ହେ ସମସ୍ତ ଲୋକମାନେ ! ଯେଉଁମାନେ ନିଜକୁ ମୋ ଜମାତ୍‌ରେ ଗଣନା କରୁଅଛ ଆକାଶରେ ତୁମେ ସେତେବେଳେ ମୋ ଜମାତରେ ଗଣାହେବ ଯେବେ ବାସ୍ତବିକ ତକ୍‌ଓ୍ୱା (ଆତ୍ମନିଗ୍ରହ)ର ମାର୍ଗରେ ପାଦ ରଖିବ । ତେଣୁ ନିଜର ପାଂଚବେଳା ନମାଜକୁ ଏପରି ଭୟ ଓ ବିନମ୍ରତାର ସହିତ ପାଠ କର ଯେପରି ତୁମେ ଅଲ୍ଲାଃଙ୍କୁ ଦର୍ଶନ କରୁଅଛ । ନିଜ ରୋଜାକୁ ଅଲ୍ଲାଃଙ୍କ ପାଇଁ ସତ୍ୟତାର ସହ ପୁରଣ କର । ପ୍ରତ୍ୟେକ ବ୍ୟକ୍ତି ଯିଏ ଜକାତ ଦେବା ପାଇଁ ଯୋଗ୍ୟ ସେ ଜକାତ ଦିଅନ୍ତୁ ଏବଂ ଯାହାଙ୍କ ଉପରେ ହଜ୍ କରିବା ଧାର୍ଯ୍ୟ ହୋଇସାରିଛି ଯେ ବିନା ଦ୍ୱିଧାରେ ହଜ୍ କରନ୍ତୁ । ନେକି (ପୁଣ୍ୟ) କୁ ପ୍ରସନ୍ନତାର ସହ ସମ୍ପାଦନ କର । କୁକର୍ମକୁ ଅପ୍ରସନ୍ନତାର ସହିତ ପରିତ୍ୟାଗ କର । ନିଶ୍ଚିତରୂପେ ମନେରଖ ଯେ କୌଣସି କାର୍ଯ୍ୟ (ଅମଲ) ଖୁଦାଙ୍କ ନିକଟରେ ପହଂଚିପାରେ ନାହିଁ ଯାହା ତକ୍‌ଓ୍ୱାରୁ ଖାଲି ଥିବ । ପ୍ରତ୍ୟେକ ପୁଣ୍ୟର ମୂଳ ତକ୍‌ଓ୍ୱା ଅଟେ । ଯେଉଁ କାର୍ଯ୍ୟରେ ଏହି ମୂଳଟି ନଷ୍ଟ ନ ହୁଏ ସେହି କାର୍ଯ୍ୟ ମଧ୍ୟ ନଷ୍ଟ ହୁଏ ନାହିଁ । ନିଶ୍ଚିତରୂପେ ବିଭିନ୍ନ ପ୍ରକାର ଦୁଃଖ କଷ୍ଟ ଓ ବିପତି ଦ୍ୱାରା ତୁମର ପରୀକ୍ଷା ନିଆଯିବ

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଯେପରି ପୂର୍ବରୁ ବିଶ୍ୱାସକାରୀ (ମୋମିନ)ଙ୍କ ପରୀକ୍ଷା ନିଆଯାଇଥିଲା। ତେଣୁ ତୁମେ ସତର୍କ ରୁହ ତୁମକୁ ଯେପରି ଧୋକା ନଲାଗୁ। ଏ ପୃଥିବୀ ତୁମର କିଛି ବିଗାଡ଼ି ପାରିବ ନାହିଁ। ଯଦି ତୁମର ଆକାଶ ସହିତ ଦୃଢ଼ ସମ୍ପର୍କ ଅଛି। ଯଦି ତୁମେ ନିଜର କିଛି କ୍ଷତି କରିବ ତେବେ ତାହା ନିଜ ହାତରେ କରିବ, ଶତୃଙ୍କ ହାତ ଦ୍ୱାରା ନୁହେଁ। ଯଦି ତୁମର ପାର୍ଥିବ ସମ୍ମାନ ସବୁକିଛି ଚାଲିଯାଏ ତେବେ ଖୁଦା ତୁମକୁ ଏକ ଶାଶ୍ୱତ ସମ୍ମାନ ଆକାଶରେ ଦେବେ। ତେଣୁ ତୁମେ ତାକୁ ଛାଡ଼ନାହିଁ। ନିଶ୍ଚିତ ରୂପେ ତୁମକୁ କଷ୍ଟ ଦିଆଯିବ ଏବଂ ନିଜର ବହୁତ ଅଭିଳାସରୁ ତୁମେ ବଂଚିତ ହେବ। ତେଣୁ ଏପରି ଅବସ୍ଥାରେ ତୁମେ କ୍ଲାଷ୍ଟ ଅନୁଭବ କରନାହିଁ। କାରଣ ତୁମର ଖୁଦା ତୁମର ପରୀକ୍ଷା ନେଉଛନ୍ତି ଯେ ତୁମେ ତାଙ୍କ ମାର୍ଗରେ ଧୈର୍ଯ୍ୟବାନ୍ ଅଟ ବା ନୁହେଁ। ଯଦି ତୁମେ ଚାହୁଁଛ ଯେ ଆକାଶରେ ଫିରସ୍ତା ତୁମର ପ୍ରଶଂସା କରନ୍ତୁ ତେବେ ତୁମେ ମାଡ଼ଖାଇ ଖୁସି ରୁହ ଓ ଗାଳି ଶୁଣି ପ୍ରଶଂସା କର। ଅସଫଳତାକୁ ଦେଖି ମଧ୍ୟ ସମ୍ବନ୍ଧ ତୁଟାଓ ନାହିଁ। ତୁମେ ଖୁଦାଙ୍କର ଶେଷ ଜମାତ ଅଟ। ତେଣୁ ଏପରି ପୁଣ୍ୟ କର୍ମ କର ଯାହା ନିଜ ସାମର୍ଥ୍ୟ ଅନୁସାରେ ଶେଷ ସୀମାରେ ପହଂଚୁଥିବ। ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଯିଏ ଅଳସୁଆ ହେବ ସେ ଗୋଟିଏ ଖରାପ ବସ୍ତୁପରି ଜମାତରୁ ବାହାର କରି ଫିଙ୍ଗି ଦିଆଯିବ। ଫଳତଃ ସନ୍ତାପ କରି ମରିବ ଏବଂ ଅଲ୍ଲାଃଙ୍କର କିଛି ବିଗାଡ଼ି ପାରିବ ନାହିଁ। ଦେଖନ୍ତୁ ମୁଁ ବହୁତ ଖୁସିର ସହିତ ଖବର ଦେଉଛି ତୁମର ଖୁଦା ବାସ୍ତବିକ ବିଦ୍ୟମାନ ଅଟନ୍ତି। ଯଦିଚ ସମସ୍ତେ ତାଙ୍କର ସୃଷ୍ଟଜ କିନ୍ତୁ ସେ ସେହି ବ୍ୟକ୍ତିକୁ ଚୟନ କରିଥାନ୍ତି ଯିଏ ତାଙ୍କୁ ବାଛିଥାଏ। ସେ ତାଙ୍କ ନିକଟକୁ ଚାଲିଆସନ୍ତି ଯିଏ ତାଙ୍କ ପାଖକୁ ଆସିଥାଏ। ଯିଏ ତାଙ୍କୁ ସମ୍ମାନ କରେ ସେ ତାଙ୍କୁ ମଧ୍ୟ ସମ୍ମାନ କରିଥାନ୍ତି।

ତୁମେ ନିଜର ହୃଦୟକୁ ସଳଖ କରି ଓ ନିଜ ଜିଭ, ଆଖି ଓ କାନକୁ ପବିତ୍ର କରି ତାଙ୍କ ଆଡ଼କୁ ଚାଲିଆସ ଯଦ୍ୱାରା ସେ ତୁମକୁ ଗ୍ରହଣ କରିବେ। ନିୟମ ଅନୁସାରେ ଯାହା ଅଲ୍ଲାଃତାଲା ତୁମଠାରୁ ଆଶା କରୁଛନ୍ତି ତାହା ଏହା ଅଟେ ଯେ ଅଲ୍ଲାଃ ଏକ ଅଟନ୍ତି ଏବଂ ମୁହମ୍ମଦ ସ:ଆ:ସ ତାଙ୍କର ନବୀ ଅଟନ୍ତି ଓ ଖାତମୁଲ୍ ଅମ୍ବେୟା (ନବୀ ଶିରୋମଣୀ) ଅଟନ୍ତି। ସମସ୍ତଙ୍କଠାରୁ ବଳିକରି ଅଟନ୍ତି। ଏବେ ତାଙ୍କ ପରେ କୌଣସି ନବୀ ନାହାନ୍ତି କିନ୍ତୁ ସେ ଯାହାଙ୍କ ଉପରେ ତାଙ୍କର ବରୋଜି (ଶିଷ୍ୟତ୍ୱ)ର ଚାଦର ଘୋଡ଼ା ହୋଇଥିବ। କାରଣ ଖାଦିମ୍(ଦାସ) ନିଜ ମାଲିକଙ୍କ ଠାରୁ ଅଲଗା ନୁହଁନ୍ତି ନା ଡ଼ାଳ ନିଜର ଗଣ୍ଡି ଠାରୁ ଅଲଗା ଥାଏ। ତେଣୁ ଯିଏ ସମ୍ପୂର୍ଣ୍ଣ ରୂପେ ମାଲିକଙ୍କ ସହିତ ଲୀନ ହୋଇ ଅଲ୍ଲାଃଙ୍କ ଠାରୁ ନବୀର ଉପାଧି ପାଏ ସେ ଖତ୍‌ମେ ନବୁଓ୍ୱତ୍‌ର ବାଧକ ନୁହଁନ୍ତି। ଯେପରି ତୁମେ ଅଇନାରେ ନିଜର ଚେହେରା ଦେଖୁଛ ସେତେବେଳେ ତୁମେ ଦୁଇଜଣ ହୋଇପାରିବ ନାହିଁ ବରଂ ଏକ ଅଟ। ଯଦିଚ ତାହା ଦୁଇଜଣ ପରି ଦେଖାଯାଏ, କେବଳ ପ୍ରତିବିମ୍ବ ଓ ଅସଲ ମଧ୍ୟରେ ଫରକ ଥାଏ। ସୁତରାଂ ଏପରି ହିଁ ଅଲ୍ଲାଃତାଲା ମସିହ୍ ମଉଦ୍‌ଙ୍କ ନିମନ୍ତେ ଇଚ୍ଛା କଲେ। ଏହି ଭେଦ ବିଷୟରେ ଆଁ ହଜରତ୍ ସ:ଆ:ସ କହୁଛନ୍ତି ଯେ ମସିହ୍ ମଉଦ୍ ମୋ କବରରେ ଦଫନ ହେବେ। ଅର୍ଥାତ୍ ସେ ମୁଁ ହିଁ ଅଟେ ଏବଂ ଏଥିରେ ଦୁଇମତ ନାହିଁ। ତୁମେ ନିଶ୍ଚିତ ରୂପେ ବୁଝି ନିଅ ଯେ ଇସା ଇବ୍‌ନେ ମରିୟମ୍ ମରିଯାଇଛନ୍ତି ଓ କାଶ୍ମୀର ପ୍ରଦେଶର ଶ୍ରୀନଗର ମହଲା ଖାନିଆରଠାରେ ତାଙ୍କର କବର୍ ଅଛି। ଅଲ୍ଲାଃତାଲା ନିଜ ପ୍ରିୟ ପୁସ୍ତକରେ ତାଙ୍କ ମରିବାର ଖବର ଦେଇଛନ୍ତି।

**(କଶ୍ତିନୁହ୍, ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୧୫)**

ପୃଷ୍ଠା-୭ ର ଅବଶିଷ୍ଟାଂଶ.....

ନିଜ ଧର୍ମ ଉପରେ ଅମଳ କରିଛନ୍ତି। ଏହା ମଧ୍ୟ ସ୍ପଷ୍ଟ ଅଟେ ଯେ ଅହେମଦୀୟା ମୁସ୍‌ଲିମ୍ ଜମାତ୍‌ର ଲୋକମାନଙ୍କୁ ମଧ୍ୟ ବିଭିନ୍ନ ଦେଶରେ ଅତ୍ୟାଚାର କରାଯାଉଛି। ପାକିସ୍ତାନ୍‌ରେ ଅହେମଦୀମାନେ ଦେଶର ସ୍ୱାଧୀନତା ଓ ଉନ୍ନତି ନିମନ୍ତେ ବହୁତ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଦେଶର ସମ୍ବିଧାନ୍ ଓ କାନୁନ୍ ସେମାନଙ୍କର ମୌଳିକ ଅଧିକାରକୁ ରୋକୁଛନ୍ତି। ଉଦାହରଣ ସ୍ୱରୂପ ସେମାନେ ନିଜର ଉପାସନା ପୀଠକୁ ମସ୍‌ଜିଦ୍ କହିପାରୁନାହାଁନ୍ତି ବା ନମାଜିମାନଙ୍କ ପରି ନମାଜ ପାଠ କରିପାରୁନାହାଁନ୍ତି ବା ପବିତ୍ର କୋରାନ୍‌ର କୌଣସି ଭାଗ ଅନ୍ୟଙ୍କୁ ଶୁଣାଇ ପାରୁନାହାଁନ୍ତି ବା ନିଜର ମତକୁ ପ୍ରସାର କରିପାରୁନାହାଁନ୍ତି। ଅହେମଦୀମାନଙ୍କୁ ଏ କଥାରୁ ମଧ୍ୟ ରୋକାଯାଉଛି ଯେ ସେମାନେ ମସ୍‌ଜିଦ୍ ତିଆରି କରିପାରିବେ ନାହିଁ। ଜଲ୍‌ସା କରିପାରିବେ ନାହିଁ ଏବଂ ଭୋଟ୍ ମଧ୍ୟ ଦେଇପାରିବେ ନାହିଁ। ସବୁଠାରୁ ବଳି ପାକିସ୍ତାନ୍ ଏହି କଥାରେ ବହୁତ ଅସଫଳ ଯେ ସେ ଅହେମଦୀମାନଙ୍କୁ ଓ ଅନ୍ୟ ସଂଖ୍ୟାଲଘୁମାନଙ୍କୁ ଅର୍ଥାତ୍ ଇସାଇ, ହିନ୍ଦୁ ଓ ସିହାଙ୍କ ସହିତ ଯେଉଁ ଅତ୍ୟାଚାର ହେଉଛି ତାକୁ ଶେଷ କରିଦେଉ। ଅହେମଦୀଙ୍କର ବିରୋଧ ପାକିସ୍ତାନ୍ ମଧ୍ୟରେ ସୀମିତ ନୁହେଁ। ଏହି ଜମାତକୁ ଇଣ୍ଡୋନେସିଆ, ସାଉଦିଆରବ୍, ମିଶର୍ ଓ ଦୁନିଆର ବିଭିନ୍ନ ଦେଶମାନଙ୍କରେ କଠିନତାର ସମ୍ମୁଖୀନ ହେବାକୁ ପଡ଼ୁଛି। ଏହିସବୁ ବିରୁଦ୍ଧାଚରଣ ସତ୍ତ୍ୱେ ଜମାତ୍ ଅହେମଦୀୟା ନିଜ ଅସୁଲ୍ ଉପରେ ଦୃଢ଼ତାର ସହିତ କାଏମ୍ ରହିଛି। ନା କେବଳ ନିଜ ଉପରେ ହେଉଥିବା ଅତ୍ୟାଚାରକୁ ବର୍‌ଦାସ୍ତ କରୁଛନ୍ତି ବରଂ ସେମାନେ ଏପରି ଜମାତ୍ ଯିଏ ଅନ୍ୟ ସଂଖ୍ୟାଲଘୁ ଯାହାଙ୍କ ଉପରେ ଅତ୍ୟାଚାର ହେଉଅଛି ତାଙ୍କର ଅଧିକାର ପାଇଁ ମଧ୍ୟ ଲଢ଼ୁଛନ୍ତି।

ମହାମହିମ ଖଲିଫତୁଲ ମସିହ୍! ମୁଁ ଆପଣ ସମସ୍ତଙ୍କୁ ଲୋକସେବା ପାଇଁ ଶୁଭେଚ୍ଛା ଦେଉଅଛି। ଏହି କଥାରେ ମଧ୍ୟ ଆପଣଙ୍କୁ ମୋବାରକବାଦୀ ଦେଉଛି ଯେ ଆପଣମାନେ ଏପରି କାର୍ଯ୍ୟ ପାଇଁ ଛିଡ଼ା ହୋଇଛନ୍ତି ଯଦ୍ୱାରା ପୁରୁଷ ଓ ସ୍ତ୍ରୀ ସମସ୍ତଙ୍କୁ ସ୍ୱାଧୀନତା ହାସଲ ହେବ ଏବଂ ସେମାନେ ଏକ ଆରେକକୁ ସମ୍ମାନ ଦେଇପାରିବେ। ସେହି ଲୋକମାନଙ୍କର ଅଧିକାର ପାଇଁ ଆମେ ଧ୍ୟାନ ଦେବା ଯେଉଁମାନଙ୍କ ଉପରେ ଅତ୍ୟାଚାର କରାଯାଉଛି। ସେମାନଙ୍କର ଅଧିକାରକୁ ଆମେ ସୁରକ୍ଷା ଦେବା ଯେ ସେମନେ ନିଜ ଧର୍ମ ଉପରେ ଯେପରି ଚାହିଁବେ ସେପରି ଅମଳ କରିପାରିବେ।

ଏହାପରେ ଅହେମଦୀୟା ଫ୍ରେଣ୍ଡସିପ୍ ଆସୋସିଏସନ୍‌ର ମୁଖ୍ୟ ଯୋଡ଼ି ସିଗ୍ରୋ ସାହେବ୍ ଏକ ବକ୍ତବ୍ୟ ରଖିଲେ। ମହାମହିମ ଖଲିଫତୁଲ୍ ମସିହ୍ ଅସ୍‌ସଲାମ୍ ଅଲେକୁମ୍, ଅମିର୍ ସାହେବ, ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଏବଂ ଅହେମଦୀୟ ମୁସ୍‌ଲିମ୍ ଜମାତ୍‌ର ସମ୍ମାନୀୟ ବନ୍ଧୁଗଣ। ଯେଉଁମାନେ ଆମର ଫ୍ରେଣ୍ଡସିପ୍ ଆସୋସିଏସନ୍‌ର ସଦସ୍ୟ ଅଛନ୍ତି ସେ ସମସ୍ତଙ୍କୁ ଅସ୍‌ସଲାମ୍ ଅଲେକୁମ୍। ଖଲିଫତୁଲ୍ ମସିହ୍‌ଙ୍କର ଏଠାରେ ଉପସ୍ଥିତି ଆମପାଇଁ ଅତ୍ୟନ୍ତ ସମ୍ମାନର ବିଷୟ। ମୁଁ ଏଠାକୁ ଆସି ଅତ୍ୟନ୍ତ ଆନନ୍ଦିତ ଏବଂ ମୋତେ ଏଠାରେ ବହୁତ ଭଲ ଲାଗିଲା ଯେପରି ଆପଣ ଜାଣିଛନ୍ତି କାନାଡ଼ାର ଗୋଟିଏ ଲମ୍ବା ଇତିହାସ ଅଛି। ଏହା ସ୍ୱାଧୀନତା ଏବଂ ଲୋକତନ୍ତ୍ରକୁ ଅନ୍ୟ ଦେଶଗୁଡ଼ିକରେ ପହଂଚାଇବାରେ ଲାଗିଛି। ଏହା ସେପରି କଥା ଯେପରି ଆପଣଙ୍କ କମ୍ୟୁନିଟି ତାର ଅସଲ ସିଦ୍ଧାନ୍ତକୁ ପହଂଚାଇବା ପାଇଁ ଚେଷ୍ଟାରତ। ମୋହବତ୍ ସବ୍‌କେଲିଏ, ନଫରତ୍ କିସି ସେ ନେହିଁ। ଏହି ସବୁ କଥାଗୁଡିକ ମନରେ ରଖି ମୁଁ ଖଲିଫତୁଲ୍ ମସିହ୍‌ଙ୍କ ପାଇଁ ଗୋଟିଏ ଛୋଟିଆ ଉପହାର ଆଣିଛି ଯେ ଆପଣ ଆମ ପାଖକୁ ଏଠାକୁ ଆସିଛନ୍ତି। ଆପଣଙ୍କର ମହତ୍ୱପୂର୍ଣ୍ଣ ବାର୍ତ୍ତା ପାଇଁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ। ଆପଣ ପାର୍ଲିଆମେଂଟ୍‌ର ସଦସ୍ୟମାନଙ୍କର ପଥ ପ୍ରଦର୍ଶନ କଲେ। ମୁଁ ବହୁତ ଆନନ୍ଦିତ ଯେ ମୁଁ ଆପଣଙ୍କୁ କାନାଡ଼ିଆନ୍ ଚାର୍ଟର୍ ଫର୍ ରାଇଟ୍‌ସ ଆଣ୍ଡ ଫ୍ରିଡମ୍‌ର ଗୋଟିଏ ଫ୍ରେମ୍ ଉପହାର ଦେବାକୁ ଚାହୁଁଛି ଯେଉଁଥିରେ ପ୍ରଧାନମନ୍ତ୍ରୀ ସାହେବ ଦସ୍ତଖତ କରିଛନ୍ତି। ମୁଁ ଜାଣିଛି ଆପଣ ଏହାକୁ ବହୁତ ପସନ୍ଦ କରିବେ। ପାର୍ଲିମେଂଟାରୀଆନ୍ ଫ୍ରେଣ୍ଡସିପ୍ ଗ୍ରୁପ୍‌ଙ୍କ ତରଫରୁ ମୁଁ ଆପଣଙ୍କୁ ଏହା ପେସ୍ କରିବାକୁ ଚାହୁଁଛି। (କ୍ରମଶଃ...)

# ଖୁତ୍‌ବା ଜୁମା

◆ ସଂସାରରେ ଏଭଳି କୌଣସି ମଣିଷ ନାହିଁ ଯେ, ସମସ୍ତ ପ୍ରକାରର ଦୋଷ ତ୍ରୁଟୀରୁ ପବିତ୍ର ଅଟେ । ଅଲ୍ଲାହ୍‌ଙ୍କ ଏକ ଗୁଣବାଚକ ନାମ ସତାର୍ ଅଟେ, ଯାହାକି ଆମ ଦୋଷ ଢାଙ୍କି ଥାଏ । ଯଦି ମଣିଷର ଦୋଷ ତ୍ରୁଟୀ ଓ ଅପକର୍ମଗୁଡ଼ିକ ପ୍ରକାଶ ହେବା ଆରମ୍ଭ ହୋଇଯାଏ ତେବେ କେହି କାହାରିକୁ ମୁହଁ ଦେଖାଇ ପାରିବେ ନାହିଁ । ଅଲ୍ଲାହ୍‌ତାଲା ଯେ, ଦୋଷ ଢାଙ୍କିବା ଓ କ୍ଷମା ତଥା ଦୋଷ ମାର୍ଜନାକାରୀ ଅଟନ୍ତି, ସେ ଆମ ଉପରେ ଉପକାର ସ୍ୱରୁପ ଅସ୍ତଗ୍‌ଫାର୍ (କ୍ଷମା ପ୍ରାର୍ଥନା)ର ଦୁଆ ଶିକ୍ଷା ଦେଲେ କି ଯେଉଁସ୍ଥଳେ ତୁମେ ଦୋଷ ତ୍ରୁଟୀରୁ ରକ୍ଷା ପାଇବା ନିମନ୍ତେ ପ୍ରଚେଷ୍ଟା କର ସେଠାରେ କ୍ଷମା ପ୍ରାର୍ଥନା ମଧ୍ୟ କର ଯଦ୍ୱାରା ମୁଁ ତୁମ ଦୋଷ ଢାଙ୍କିବା ସହିତ ତୁମ ସହ କ୍ଷମାଆଚରଣ କରିବି ଏବଂ ତୁମ ଦୁଆ ମଧ୍ୟ ସ୍ୱୀକାର କରିବି ।

◆ ଯଦି କେହି ନିଜ ଦୋଷ ତ୍ରୁଟୀ ପରିତ୍ୟାଗ କରିଦିଏ ତେବେ ମଧ୍ୟ ସଂସାରବାସୀ ତାହାକୁ ପାପୀ ଓ ଅପକର୍ମୀ ମନେକରିଥାନ୍ତି କିନ୍ତୁ ଅଲ୍ଲାହ୍‌ତାଲା କିଭଳି ଦୟାଳୁ ଦେଖ ଯେ, ମଣିଷ ସହସ୍ର ଅପକର୍ମ କରିବା ପରେ ମଧ୍ୟ ଯଦି ସେ କ୍ଷମା ପ୍ରାର୍ଥନା କରେ ତେବେ ସେ ତାହାକୁ କ୍ଷମା ପ୍ରଦାନ କରିଦେଇଥାନ୍ତି ।

◆ ସଂସାରରେ ଏଭଳି କେହି ନାହାନ୍ତି ଯେ, ଅଲ୍ଲାହ୍ ପରି କ୍ଷମା ମାର୍ଜନ କରିଥାନ୍ତି କେବଳ ଅବତାରମାନଙ୍କ ବ୍ୟତୀତ । ଅଲ୍ଲାହ୍‌ଙ୍କ ଅନ୍ତେ ଅବତାରମାନେ ହିଁ ଏଭଳି ଆଚରଣ କରିଥାନ୍ତି ,ସେମାନଙ୍କ ବ୍ୟତୀତ ଅନ୍ୟ କେହି ଏପରି (ଆଚରଣ) କରି ନଥାନ୍ତି ।

◆ ଅତଃ ଦୋଷ ତ୍ରୁଟୀ ଦେଖିବା ପରେ ତାହାକୁ ପ୍ରସାର କରିବା ପରିବର୍ତେ ପ୍ରତ୍ୟେକଙ୍କୁ କ୍ଷମା ପ୍ରାର୍ଥନା କରିବା ଉଚିତ୍ । ଅଲ୍ଲାହ୍‌ତାଲା ନିଶ୍ୱାର୍ଥପତାର ଅଧିକାରୀ ତେଣୁ ଏହି କଥାରେ ଡ଼ରିବା ଉଚିତ୍ ଯେ, ଆମ ଭିତରେ ଯେଉଁ ଅସଂଖ୍ୟ ଦୋଷ ଦୁର୍ବଳତା ରହିଛି ତାହା କାହା ନିକଟରେ ପ୍ରକାଶିତ ହୋଇ ନଯାଉ । ଯଦି ଉତମ ଚିନ୍ତାଧାରା ସହ ଜଣେ ଅନ୍ୟଜଣକର ଦୋଷ ଢାଙ୍କିବା ଆରମ୍ଭ କରନ୍ତି ତେବେ ସେ ଅଲ୍ଲାହ୍‌ତାଲାଙ୍କ କୃପାର ଉତରାଧିକାରୀ ହେବ ।

◆ ସର୍ବଦା ମନେରଖିବା ଉଚିତ ଯେ, ଯଦି କାହାର କୌଣି ଦୋଷ ଜମାଅତର ବ୍ୟବସ୍ଥାକୁ କ୍ଷତି ପହଁଚାଇବାର କାରଣ ସାବ୍ୟସ୍ତ ହୁଏ ତଥା ସମାଜର ଏକ ବର୍ଗକୁ ନିଜ ବଶବର୍ତୀ କରି ଖରାପ କରାଏ ତେବେ ସଂଶୋଧନ ପାଇଁ ଯେ ନିଯୁକ୍ତ ରହିଛନ୍ତି, ଜମାଅତର ଅମିର, ସଦର୍ ତାଙ୍କ କାନରେ ଖବର ପହଁଚାଇ ଦେବା ଉଚିତ୍ ଅଥବା ମୋତେ ପତ୍ର ଲେଖି ଜଣାଇ ଦିଅନ୍ତୁ ଯଦ୍ୱାରା ସୁଧାର ନିମନ୍ତେ ବିଶେଷ ପଦକ୍ଷେପ ନିଆଯାଇପାରିବ ।

◆ ମୋକରମ୍ ମଲକ୍ ସଲିମ୍ ଲତିଫ୍ ସାହେବ୍ ଆଡ୍‌ଭୋକେଟ୍ ସଦର୍ ଜମାତ୍ ନନ୍‌କାନା ସାହେବ୍ (ପାକିସ୍ତାନ୍)ଙ୍କ ଶାହାଦତ୍, ଶହିଦ ମରହୁମ୍‌ଙ୍କ ଉତମ ଗୁଣର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ ପାଠ ।

**ଖୁତ୍‌ବା ଜୁମାଃ ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍** [ଅ.ବ]
**(ପ୍ରଦତ୍ତଃ ୩୧ ମାର୍ଚ୍ଚ ୨୦୧୭ ଅନୁଯାୟୀ ୩୧ ଅମାନ୍ ୧୩୯୬ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّالِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅଃବ କହିଲେ– ସଂସାରରେ ଏଭଳି କୌଣସି ମଣିଷ ନାହିଁ ଯେ, ସମସ୍ତ ପ୍ରକାରର ଦୋଷ ତ୍ରୁଟୀରୁ ପବିତ୍ର ଅଟେ । ଅଲ୍ଲାହ୍‌ଙ୍କ ଏକ ଗୁଣବାଚକ ନାମ ସତାର୍ ଅଟେ, ଯାହାକି ଆମ ଦୋଷ ଢାଙ୍କି ଥାଏ । ଯଦି ମଣିଷର ଦୋଷ ତ୍ରୁଟୀ ଓ ଅପକର୍ମଗୁଡ଼ିକ ପ୍ରକାଶ ହେବା ଆରମ୍ଭ ହୋଇଯାଏ ତେବେ କେହି କାହାରିକୁ ମୁହଁ ଦେଖାଇ ପାରିବେ ନାହିଁ । ଅଲ୍ଲାହ୍‌ତାଲା ଯେ, ଦୋଷ ଢାଙ୍କିବା ଓ କ୍ଷମା ତଥା ଦୋଷ ମାର୍ଜନାକାରୀ ଅଟନ୍ତି, ସେ ଆମ ଉପରେ ଉପକାର ସ୍ୱରୁପ ଅସ୍ତଗ୍‌ଫାର୍ (କ୍ଷମା ପ୍ରାର୍ଥନା)ର ଦୁଆ ଶିକ୍ଷା ଦେଲେ କି ଯେଉଁସ୍ଥଳେ ତୁମେ ଦୋଷ ତ୍ରୁଟୀରୁ ରକ୍ଷା ପାଇବା ନିମନ୍ତେ ପ୍ରଚେଷ୍ଟା କର ସେଠାରେ କ୍ଷମା ପ୍ରାର୍ଥନା ମଧ୍ୟ କର ଯଦ୍ୱାରା ମୁଁ ତୁମ ଦୋଷ ଢାଙ୍କିବା ସହିତ ତୁମ ସହ କ୍ଷମାଆଚରଣ କରିବି ଏବଂ ତୁମ ଦୁଆ ମଧ୍ୟ ସ୍ୱୀକାର କରିବି ।

ସାଧାରଣତଃ ଅଲ୍ଲାହ୍‌ତାଲା ଆମ୍ଭର ପ୍ରତ୍ୟେକ ଦୋଷ ତ୍ରୁଟୀ ଢାଙ୍କି ଦେଇଥାନ୍ତି । ଯେ କ୍ଷମା ପ୍ରାର୍ଥନା କରେ ଅଲ୍ଲାହ୍‌ତଲାଙ୍କ କ୍ଷମାଶୀଳ ଗୁଣ ବିଶେଷରୂପେ ସେମାନଙ୍କୁ ନିଜ ଚାଦରରେ ଢାଙ୍କି ଦେଇଥାଏ । ଆରବୀ ଶଦ ଗଫାରା ଅର୍ଥ ଲୁଚାଇବା ତଥା ଢାଙ୍କିବା ଅଟେ ଏବଂ ପାଖାପାଖି ଏହି ଅର୍ଥ ସତାର୍‌ର ମଧ୍ୟ ଅଟେ । ହଜରତ ମସିହ ମଉଦ ଆ.ସ ଏକ ସ୍ଥାନରେ କୁହନ୍ତି– ଇସଲାମ ଯେଉଁ ଅଲ୍ଲାହ୍‌ର ନକ୍‌ସା ଟାଣିଛି ଏବଂ ମୁସଲମାନମାନେ ଯେଉଁ ଅଲ୍ଲାହ୍‌ଙ୍କୁ ବିଶ୍ୱାସ କରନ୍ତି ସେ କରୁଣାମୟ, ବିଭୂତୀ ପ୍ରଦାନକାରୀ, କୋମଳ ହୃଦୟ, ଦୋଷ ଢାଙ୍କି କ୍ଷମା ପ୍ରଦାନକାରୀ ହସ୍ତି ଅଟେ । ଯେ ପ୍ରକୃତ କ୍ଷମା ପ୍ରାର୍ଥନା କରିଥାଏ ଅଲ୍ଲାହ୍‌ତାଲା ତାହାର କ୍ଷମା ପ୍ରାର୍ଥନା ସ୍ୱୀକାର କରି ତାହାକୁ କ୍ଷମା ଦେଇଥାନ୍ତି । ଯଦି କେହି ନିଜ ଦୋଷ ତ୍ରୁଟୀ ପରିତ୍ୟାଗ କରିଦିଏ ତେବେ ମଧ୍ୟ ସଂସାରବାସୀ ତାହାକୁ ପାପୀ ଓ ଅପକର୍ମୀ ମନେକରିଥାନ୍ତି କିନ୍ତୁ ଅଲ୍ଲାହ୍‌ତାଲା କିଭଳି ଦୟାଳୁ ଦେଖ ଯେ, ମଣିଷ ସହସ୍ର ଅପକର୍ମ କରିବା ପରେ ମଧ୍ୟ ଯଦି ସେ କ୍ଷମା ପ୍ରାର୍ଥନା କରେ ତେବେ ସେ ତାହାକୁ କ୍ଷମା ପ୍ରଦାନ କରିଦେଇଥାନ୍ତି । ଆପଣ କୁହନ୍ତି ସଂସାରରେ

ଏଭଳି କେହି ନାହାନ୍ତି ଯେ, ଅଲ୍ଲାଃ ପରି କ୍ଷମା ମାର୍ଜନ କରିଥାନ୍ତି କେବଳ ଅବତାରମାନଙ୍କ ବ୍ୟତୀତ । ଅଲ୍ଲାଃଙ୍କ ଅନ୍ତେ ଅବତାରମାନେ ହିଁ ଏଭଳି ଆଚରଣ କରିଥାନ୍ତି ,ସେମାନଙ୍କ ବ୍ୟତୀତ ଅନ୍ୟ କେହି ଏପରି (ଆଚରଣ) କରି ନଥାନ୍ତି ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଅଲ୍ଲାଃଙ୍କ ଦୋଷ ଢାଙ୍କିବା ଏପରି ଅଟେ ଯେମିତି ସେ ମଣିଷର ଅପକର୍ମ ଓ ପାପକୁ ଦେଖିବା ପରେ ମଧ୍ୟ ନିଜ କ୍ଷମାକରିବା ଗୁଣ ଯୋଗୁଁ ସେପର୍ଯ୍ୟନ୍ତ କ୍ଷମା କରିଥାନ୍ତି ଯେପର୍ଯ୍ୟନ୍ତ ମାନବ ଅଲ୍ଲାଃଙ୍କ ଧାର୍ଯ୍ୟ ସୀମା ଅତିକ୍ରମ କରିନଥାଏ । କିନ୍ତୁ ମଣିଷ ଅନ୍ୟର ଦୋଷ ଦେଖିନଥାଏ କି ଚିତ୍କାର କରିବା ଆରମ୍ଭ କରିଦିଏ । ଅତଃ ହଜୁର ଆ.ସ କୁହନ୍ତି ବିଚାର କର କି ଅଲ୍ଲାଃଙ୍କ ଦୟା ଓ କୃପାର କିଭଳି ବିଶେଷତା ରହିଛି । ଦେଖ ଯଦି ଅଲ୍ଲାଃ ଧରପକଡ଼ କରନ୍ତି ତେବେ ସମସ୍ତେ କ୍ଷତିଗ୍ରସ୍ତ ହେବେ କିନ୍ତୁ ତାଙ୍କର କରୁଣା ଓ ଦୟା ଅତ୍ୟନ୍ତ ବିସ୍ତୃତ ତଥା ନିଜ ପ୍ରକୋପ ଉପରେ ଭାରୀ ଅଟେ

ହଜୁର ଅନୱର ଅ.ବ କୁହନ୍ତି- ସୁତରାଂ ଯଦି ଆମେ ଏହି ତଥ୍ୟକୁ ବୁଝିନେବା ଏବଂ ନିଜ ସାଥି, ଭାଇବନ୍ଧୁ ତଥା ନିଜ ସହ ସମ୍ପର୍କିତ ଲୋକମାନଙ୍କ (ଦୋଷ ତ୍ରୁଟୀ) ଧରିବାକୁ ଅନାଇବସିବା ଏବଂ ଈର୍ଷା କରିବା ଉଚିତ୍ ନୁହେଁ ନା ସେମାନଙ୍କ ଦୁର୍ବଳତା ଖୋଜିବା ଉଚିତ୍ ଯଦ୍ୱାରା ଏକ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇପାରିବ । ଆମ୍ଭମାନଙ୍କ ମଧ୍ୟରୁ ଅନେକ ଏପରି ଅଟନ୍ତି ଯେ ଅନ୍ୟମାନଙ୍କ ଦୋଷ ତ୍ରୁଟୀ ଢାଙ୍କିବା ପରିବର୍ତ୍ତେ ପ୍ରକାଶ କରିବାକୁ ଚେଷ୍ଟା କରିଥାନ୍ତି । କିନ୍ତୁ ଯେତେବେଳେ ସେମାନଙ୍କ (ଦୁର୍ବଳତା) ସମ୍ବନ୍ଧରେ କେହି ଜଣେ ଚର୍ଚ୍ଚା କରିଦିଅନ୍ତି ଅଥବା କାହା ମାଧ୍ୟମରେ ତାଙ୍କୁ ଜଣାପଡ଼େ କି ଅମକ ବ୍ୟକ୍ତି ମୋ ସମ୍ବନ୍ଧରେ ଏପରି ଚର୍ଚ୍ଚା କରୁଥିଲା ତେବେ କ୍ରୋଧର ଅଗ୍ନିରେ ପ୍ରଜ୍ୱଳିତ ହୋଇ ଉଠିଥାନ୍ତି । ଏପରିକି ମରିବା ଓ ମାରିବାକୁ ପ୍ରସ୍ତୁତ ହୋଇଯାଇଥାନ୍ତି । ଆମ୍ଭକୁ ପ୍ରତ୍ୟେକ ସମୟରେ ହଜରତ ମହମ୍ମଦ ସ.ଆଙ୍କ ଏହି ଆଦେଶ ନିଜ ସମ୍ମୁଖରେ ରଖିବା ଉଚିତ୍ ଯେ, ଯାହା ନିଜ ପାଇଁ ପସନ୍ଦ କରୁଅଛେ ତାହା ହିଁ ନିଜ ଭାଇ ପାଇଁ ପସନ୍ଦ କରିବା । ଯଦି ନିଜ ଦୋଷ ଢାଙ୍କିବାକୁ ପସନ୍ଦ କରୁଛେ ତେବେ ଅନ୍ୟମାନଙ୍କ ପାଇଁ ମଧ୍ୟ ଏହି ମନୋଭାବ ରଖିବା ଉଚିତ୍ । ଏହି ସେ ସୁବର୍ଣ୍ଣ ଚିନ୍ତାଧାରା ଯାହାକି ସମାଜରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଅନିର୍ବାର୍ଯ୍ୟ ଅଟେ ।

ହଜୁର ଅନୱର ଅ.ବ କହିଲେ- ଅତଃ ଦୋଷ ତ୍ରୁଟୀ ଦେଖିବା ପରେ ତାହାକୁ ପ୍ରସାର କରିବା ପରିବର୍ତ୍ତେ ପ୍ରତ୍ୟେକଙ୍କୁ କ୍ଷମା ପ୍ରାର୍ଥନା କରିବା ଉଚିତ୍ । ଅଲ୍ଲାଃତାଲା ନିଶ୍ୱାର୍ଥପତାର ଅଧିକାରୀ ତେଣୁ ଏହି କଥାରେ ଡ଼ରିବା ଉଚିତ୍ ଯେ, ଆମ ଭିତରେ ଯେଉଁ ଅସଂଖ୍ୟ ଦୋଷ ଦୁର୍ବଳତା ରହିଛି ତାହା କାହା ନିକଟରେ ପ୍ରକାଶିତ ହୋଇ ନଯାଉ । ଯଦି ଉତମ ଚିନ୍ତାଧାରା ସହ ଜଣେ ଅନ୍ୟଜଣକର ଦୋଷ ଢାଙ୍କିବା ଆରମ୍ଭ କରନ୍ତି ତେବେ ସେ ଅଲ୍ଲାଃତାଲାଙ୍କ କୃପାର ଉତରାଧିକାରୀ ହେବ । ହଜରତ ମସିହ ମଉଦ ଆ.ସଙ୍କର ଏହି କଥା ସର୍ବଦା ମନେରଖିବା ଉଚିତ୍ ଯେ, ଯଦି ଅଲ୍ଲାଃ ଧରପକଡ଼ କରିବା ଆରମ୍ଭ କରିଦିଅନ୍ତି ତେବେ ସମସ୍ତେ କ୍ଷତିଗ୍ରସ୍ତ ହେବେ । ସୁତରାଂ ଅତ୍ୟନ୍ତ ଭୟ କରିବାର ସ୍ଥାନ ଏବଂ ପ୍ରତ୍ୟେକ ମୁହୁର୍ତରେ କ୍ଷମା ପ୍ରାର୍ଥନା କରିବା ତଥା ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ହଜରତ ମହମ୍ମଦ ସ.ଆ ଏକଦା କହିଲେ- ଯେ ନିଜ ମୁସଲମାନ ଭାଇର କୌଣସି ଦୋଷ ଢାଙ୍କେ ଅଲ୍ଲାଃ ଅନ୍ତିମ ଦିବସରେ ତାହାର ଦୋଷ ଢାଙ୍କି ଦେବେ ଏବଂ ତାହାର (ଦୋଷ ତ୍ରୁଟୀକୁ) ଅଣଦେଖା କରିବେ । କିନ୍ତୁ ଯେ ନିଜ ମୁସଲମାନ ଭାଇର ଦୋଷ ଦୁର୍ବଳତାକୁ ପ୍ରକାଶ କରି ଲୋକମାନଙ୍କ ନିକଟରେ ତାହାର ଅପଚର୍ଚ୍ଚା ଓ ନିନ୍ଦା କରେ ତେବେ ଅଲ୍ଲାଃତାଲା ତାହାର ଦୋଷ ତ୍ରୁଟୀକୁ ଏପରି ପ୍ରକାଶିତ କରିବେ ଯେ ସେ ନିଜ ଘରେ ହିଁ ଅପମାନିତ ହୋଇଯିବ । ଅତଃ ଏହା ଭୟଭିତ ହେବାର ସ୍ଥାନ ଅଟେ । **ଅଲ୍ଲାଃଙ୍କ କୃପା ଲାଭ କରିବା ନିମନ୍ତେ ଅନ୍ୟର ଦୋଷ ତ୍ରୁଟୀ ପ୍ରତି ନଜର ରଖିବା ପରିବର୍ତ୍ତେ ସର୍ବଦା ନିଜର ନିରିକ୍ଷଣ କରିବା ଉଚିତ୍** । ଲୋକମାନେ କହିଦେଇଥାନ୍ତି କି ଯଦି କାହାର ଦୋଷ ଦୁର୍ବଳତା ତାହାକୁ ଅବଗତ କରାନଯାଏ ତେବେ ସୁଧାର କିପରି ସମ୍ଭବ । ସର୍ବଦା ମନେରଖିବା ଉଚିତ ଯେ, ଯଦି କାହାର କୌଣି ଦୋଷ ଜମାଅତର ବ୍ୟବସ୍ଥାକୁ କ୍ଷତି ପହଁଚାଇବାର କାରଣ ସାବ୍ୟସ୍ତ ହୁଏ ତଥା ସମାଜର ଏକ ବର୍ଗକୁ ନିଜ ବଶବର୍ତୀ କରି ଖରାପ କରାଏ ତେବେ ସଂଶୋଧନ ପାଇଁ ଯେ ନିଯୁକ୍ତ ରହିଛନ୍ତି, ଜମାଅତର ଅମିର, ସଦର୍ ତାଙ୍କ କାନରେ ଖବର ପହଁଚାଇ ଦେବା ଉଚିତ୍ ଅଥବା ମୋତେ ପତ୍ର ଲେଖି ଜଣାଇ ଦିଅନ୍ତୁ ଯଦ୍ୱାରା ସୁଧାର ନିମନ୍ତେ ବିଶେଷ ପଦକ୍ଷେପ ନିଆଯାଇପାରିବ । କିନ୍ତୁ କାହାର ଖରାପ କଥା ଦେଖି ତାହାକୁ ପ୍ରଚାର କରିବା ଅର୍ଥାତ ଅନ୍ୟକୁ ଜଣାଇବା ନିଶ୍ଚିତ ରୂପେ ବର୍ଜନ କରିବା ଯୋଗ୍ୟ କାରଣ ଏତତ୍ ଦ୍ୱାରା ଅପକର୍ମ ସମାପ୍ତ ହେବା ପରିବର୍ତ୍ତେ ପ୍ରସାର ଲାଭ କରିଥାଏ । ଏଥିସମ୍ବନ୍ଧରେ ହଜରତ ମହମ୍ମଦ ସ.ଆଙ୍କର ନିର୍ଦ୍ଦେଶ ସର୍ବଦା ମନେରଖିବା ଉଚିତ୍ ଯେ, ଯଦି ତୁମେ ଲୋକମାନଙ୍କ ଦୋଷ ଦୁର୍ବଳତା ଖୋଜିବାରେ ଲାଗିରୁହ ତେବେ ତୁମେ ସେମାନଙ୍କୁ ଆହୁରି ଖରାପ କରିଦେବ ଏବଂ ସମାଜର ଶାନ୍ତି ଭଙ୍ଗ କରିବସିବ । କାରଣ ଏପରି ଲୋକମାନଙ୍କ ଖରାପ ଗୁଣର ସ୍ଥାନେ ସ୍ଥାନେ ପ୍ରଚାର କଲେ ସେମାନେ ଜିଦ୍‌ଖୋର ହୋଇଯିବେ ଏବଂ ଏପରି ସେମାନେ ଅନ୍ୟମାନଙ୍କୁ ଖରାପ କରିବା ପାଇଁ ପ୍ରୟାସ କରିବା ସହିତ ନିଜ ପରିସୀମାକୁ ବିସ୍ତାର କରିବା ପାଇଁ ମଧ୍ୟ ଚେଷ୍ଟା କରିଥାନ୍ତି । ଏପରି ଦୋଷ ଢାଙ୍କିବା ମନବୃତି ସମାପ୍ତ

ହୋଇଯାଇଥାଏ ଏବଂ ଯେତେବେଳେ ଏପରି ମନୋଭାବ ଉତ୍ପନ୍ନ ହୁଏ ସେତେବେଳେ ସୁଧାର କରିବାର ଦିଗ ହିଁ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଥାଏ ।

ସୁତରାଂ ଏଠାରେ ମୁଁ ସେହିମାନଙ୍କ ଧ୍ୟାନ ଆକର୍ଷିତ କରିବାକୁ ଚାହେଁ ଯେଉଁମାନଙ୍କ କାନ୍ଧରେ ଜମାଅତର କାର୍ଯ୍ୟ ଭାର ନ୍ୟସ୍ତ ରହିଛି, ବିଶେଷ କରି ସୁଧାର ବିଭାଗରେ ଥିବା କର୍ମକର୍ତାମାନେ ଅତ୍ୟନ୍ତ ସାବଧାନତା ତଥା ସହାନୁଭୂତି ଭାବନାର ସହିତ ସୁଧାର କାର୍ଯ୍ୟ ସମ୍ପାଦନ କରିବା ଉଚିତ୍ । କଦାପି କୌଣସି ବ୍ୟକ୍ତିଙ୍କୁ ଏପରି ଆଭାଷ ହେବାକୁ ଦିଅନ୍ତୁ ନାହିଁ କି ଅମକ କର୍ମକର୍ତା ମୋର ଦୋଷ ତ୍ରୁଟୀକୁ ପ୍ରଚାର କଲେ, ଲୋକମାନଙ୍କୁ ଜଣାଇଲେ । କାରଣ ଏପରି ସ୍ଥଳେ ତାହାର ପ୍ରତିକ୍ରିୟା ମଧ୍ୟ ସେହିପରି ବିରାଟ ରୂପ ନେଇଥାଏ । ଏପରି କର୍ମକର୍ତାମାନଙ୍କୁ ଅଲ୍ଲାଃ କହିବେ ମୁଁ ତ ତୁମକୁ ଜମାଅତର ସେବା କରିବାର ଅବସର ପ୍ରଦାନ କରିଥିଲି ଏବଂ ତୁମେ ମୋର କ୍ଷମା ଆଚରଣର ଗୁଣ ଆପଣାଇବା ପରିବର୍ତେ ତାହାର ଓଲଟା ଆଚରଣ ପ୍ରଦର୍ଶନ କରି ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରିବାର ମାଧ୍ୟମ ସାଜିଲ । ଦେଖ ଅଲ୍ଲାଃତାଲା ଦୋଷ ଢାଙ୍କିବାକୁ କିଭଳି ପସନ୍ଦ କରନ୍ତି ଏବଂ ଦୋଷ ଢାଙ୍କୁଥିବା ବ୍ୟକ୍ତିଙ୍କୁ କିଭଳି କୃପା ପ୍ରଦାନ କରନ୍ତି ଏଥିସମ୍ବନ୍ଧରେ ହଜରତ ମହମ୍ମଦ ସ.ଆ କୁହନ୍ତି- ଜଣେ ମୁସଲମାନ ଅନ୍ୟ ଜଣେ ମୁସଲମାନର ଭାଇ ଅଟେ । ସେ ନା ନିଜ ମୁସଲମାନ ଭାଇ ଉପରେ ଅତ୍ୟାଚାର କରେ ନା ତାହାକୁ ଏକାକି ଛାଡ଼ି ଚାଲିଯାଏ । ଯେ ନିଜ ଭାଇର ଆବଶ୍ୟକତା ପୂରଣ କରେ ଅଲ୍ଲାଃତାଲା ତାହାର ଆବଶ୍ୟକତା ପୂରଣ କରିଥାନ୍ତି ଏବଂ ଯେ କୌଣସି ମୁସଲମାନ ଭାଇର ଦୁଃଖ ଦୂର କରିଥାଏ ଅଲ୍ଲାଃତାଲା ଅନ୍ତିମ ଦିବସରେ ତାହାର ଅସୁବିଧା ଦୂର କରିଥାନ୍ତି ଏବଂ ଯେ ନିଜ ମୁସଲମାନ ଭାଇର ଦୋଷ ଢାଙ୍କିଥାଏ ଅଲ୍ଲାଃତାଲା ଅନ୍ତିମ ଦିବସରେ ତାହାର ଦୋଷ ଢାଙ୍କିଦେବେ ।

ସୁତରାଂ ସେହି ଦୟାଳୁ ଓ କୃପାଳୁ ଅଲ୍ଲାଃଙ୍କ ଦୟା ଓ କୃପାର ଅଧିକାରୀ ହେବା ନିମନ୍ତେ ଦୋଷ ଢାଙ୍କିବା ତଥା ଅଣଦେଖା କରିବା ଅତ୍ୟନ୍ତ ଆବଶ୍ୟକ ଅଟେ । ହଜରତ ମସିହ ମଉଦ ଆ.ସ କୁହନ୍ତି- ମଣିଷ ବିଶ୍ୱାସର ମଧ୍ୟ ଏହି ବିଶେଷତା ଅଟେ କି ଅଲ୍ଲାଃତାଲା ଯେଉଁ ଉତମ ଗୁଣଗୁଡ଼ିକର ଅଧିକାରୀ ଅଟନ୍ତି ତାହାର ଯଥାସମ୍ଭବ ଅନୁସରଣ କରିବା ଉଚିତ୍ ଏବଂ ନିଜକୁ ଅଲ୍ଲାଃଙ୍କ ରଙ୍ଗରେ ରଙ୍ଗେଇବା ପାଇଁ ଚେଷ୍ଟା କରିବା ଉଚିତ୍ । ଉଦାହରଣ ସ୍ୱରୂପ ଅଲ୍ଲାଃ କ୍ଷମାଶୀଳ ଅଟନ୍ତି, ମଣିଷକୁ ମଧ୍ୟ ଏହି ଗୁଣ ଆପଣାଇ ଅଲ୍ଲାଃଙ୍କ ଗୁଣରୁ ଭାଗ ନେବା ଉଚିତ୍ । କେବଳ ଆନନ୍ଦର ବାତାବରଣ ସୃଷ୍ଟି କରିବା ପାଇଁ ଅନ୍ୟର ବଦଗୁଣ ଗାନ କରି ମଜା ନେବା ଯାହାକି ଘୋର ପାପରୁ ଭାଗ ନେବା ବ୍ୟତୀତ ଅନ୍ୟ କିଛି ନୁହେଁ । ତେଣୁ ପ୍ରତ୍ୟେକ ଅହେମଦିଙ୍କୁ ଏଥିରୁ ନିବୃତ ରହିବା ଉଚିତ୍ । ହଁ କାହାର ଦୁର୍ବଳତା ଦେଖି ସହାନୁଭୂତି ପୂର୍ବକ ତାହାର ସୁଧାର ନିମନ୍ତେ ଚେଷ୍ଟା କରିବା କି ସେ ଉକ୍ତ ଅପକର୍ମରୁ ମୁକ୍ତ ହେଉ । ହଜରତ ମସିହ ମଉଦ ଆ.ସ କୁହନ୍ତି- ଯଦି କାହା ମଧ୍ୟରେ କୌଣସି ଦୁର୍ବଳତା ପରିଲକ୍ଷିତ କର ତେବେ ତାହାକୁ ଗୁପ୍ତରୂପେ ଅର୍ଥାତ ଏକାନ୍ତରେ ଉପଦେଶ ଦିଅ । ଯଦି ସେ ନମାନେ ତେବେ ତାହା ପାଇଁ ଦୁଆ କର କାରଣ ଦୁଆରେ ବହୁତ ଶକ୍ତି ରହିଛି । ସେ ବ୍ୟକ୍ତି ଅତ୍ୟନ୍ତ ହିନମାନ ଯେ ଅନ୍ୟର ଦୋଷ ଦୁର୍ବଳତା ତ ସହସ୍ର ଥର ଚର୍ଚ୍ଚା କରିଥାଏ କିନ୍ତୁ ଦୁଆ ଥରେ ମାତ୍ର କରିନଥାଏ । ଜଣକର ଦୁର୍ବଳତା ସେତେବେଳେ ଚର୍ଚ୍ଚା କରିବା ଉଚିତ୍ ଯେତେବେଳେ ତାହା ପାଇଁ ଅତି କମ୍‌ରେ ଚାଲିସ ଦିନ କାନ୍ଦି କାନ୍ଦି ଦୁଆ କରିଥିବ । ଏପରି କହିବାରେ ଆମ୍ଭର ଏହା ଅର୍ଥ ନୁହେଁ କି ଦୋଷିର ସମର୍ଥକ ହୁଅ ବରଂ ତାହାର ଅପପ୍ରଚାର ଓ ଅପନିନ୍ଦା କର ନାହିଁ । କାହାର ଦୋଷ ତ୍ରୁଟୀ ଦେଖି ତାହାକୁ ପ୍ରଚାର କର ନାହିଁ ନା ତାହା ଉପସ୍ଥିତିରେ ନା ତାହାର ଅନୁପସ୍ଥିତିରେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଏହି ବ୍ୟବସ୍ଥା ଚାଲି ପାରିବ ନାହିଁ ଯେପର୍ଯ୍ୟନ୍ତ ପରସ୍ପର ସହ ଦୟା, ଦୁଆ, ଦୋଷ ଢାଙ୍କିବା ଆଦି ଆଚରଣ କରାନଯାଏ । **ଆପଣ ଆମକୁ କିଭଳି ଦେଖିବାକୁ ଚାହୁଁଥିଲେ ? ଏହି କି ଯେ, ପରସ୍ପର ପ୍ରତି ଦୟା ଆଚରଣ କରିବା ପରସ୍ପର ପାଇଁ ଦୁଆ କରିବା, ପରସ୍ପରର ଦୋଷ ଦୁର୍ବଳତା ଢାଙ୍କିବା** । ଏକଦା ଆପଣ କହିଲେ ଆମ୍ଭ ମାନ୍ୟକାରୀମାନଙ୍କୁ ଆବଶ୍ୟକ କି ଯଦି କୌଣସି ଭାଇର ଦୁର୍ବଳତା ଦେଖନ୍ତି ତେବେ ତାହା ପାଇଁ ଦୁଆ କରିବା ଉଚିତ୍ କିନ୍ତୁ ଯଦି ସେ ଦୁଆ ନକରେ ଏବଂ ଅନ୍ୟ ନିକଟରେ (ତାହାର ଦୁର୍ବଳତା) ବୟାନ କରି ତାହାକୁ ଆଗକୁ ପ୍ରସାରିତ କରେ ତେବେ ତାହାକୁ ମନେରଖିବା ଉଚିତ୍ ଯେ, ସେ ପାପ ଅର୍ଜନ କରୁଅଛି । ଆପଣ କୁହନ୍ତି ଏପରି କେଉଁ ଦୋଷ ଅଛି ଯାହାକି ଦୂର ହୋଇନଥାଏ, ତେଣୁ ଦୁଆ ମାଧ୍ୟମରେ ଅନ୍ୟ ଭାଇର ସହାୟତା କରିବା ଉଚିତ୍ । ଯେତେବେଳେ ଆମେ ପରସ୍ପରର ଦୋଷ ତ୍ରୁଟୀ ଖୋଜିବା ପରିବର୍ତେ ଏପରି ପରସ୍ପରର ସାହାର୍ଯ୍ୟ ସହାୟତା କରିବା ଏବଂ ତାହାର ଅପପ୍ରଚାର କରିବା ପରିବର୍ତେ ତାହା ପାଇଁ ଦୁଆ କରୁଥିବା ତେବେ ଯାଇ ପ୍ରକୃତ ଜମାଅତ (ଗଠନ) ହୋଇପାରିବ ଯେପରି ହଜରତ ମସିହ ମଉଦ ଆ.ସ ଗଠନ କରିବାକୁ ଚାହୁଁଥିଲେ । ହଜରତ ମହମ୍ମଦ ସ.ଆ ମଧ୍ୟ ଏହିପରି ମୁସଲମାନମାନଙ୍କୁ ଦେଖିବାକୁ ଚାହୁଁଥିଲେ ଏବଂ ଏପରି ଅବସ୍ଥାରେ ହିଁ ଆମ୍ଭେ କ୍ଷମା ଓ ମୁକ୍ତି ପାଇବାର ଅଧିକାରୀ ହୋଇପାରିବା ।

ହଜରତ ମହମ୍ମଦ ସ.ଆ ଅଲ୍ଲାଃଙ୍କ ସରଣ ହାସଲ କରିବା ତଥା ତାଙ୍କ କୃପା ଲାଭ ନିମନ୍ତେ ଆମ୍ଭକୁ ଏକ ଦୁଆ ଶିକ୍ଷାଇ ଦେଇଛନ୍ତି

ଯାହାକି ଆମ୍ଭକୁ ବାରମ୍ବାର କରିବା ଉଚିତ୍ । ତାହା ଏହିକି ଯେ, ହେ ଅଲ୍ଲାଃ ! ମୁଁ ତୁମ୍ଭଠାରୁ ଇହ ଓ ପରକାଳରେ ତୁମ୍ଭର ସରଣ ଭିକ୍ଷା କରୁଅଛି । ହେ ମୋ ମାଲିକ ! ମୁଁ ତୁମ୍ଭଠାରୁ ଧର୍ମ ଓ ସଂସାର, ଧନ ଓ ଘର ପ୍ରତ୍ୟେକ କ୍ଷେତ୍ରରେ ତୁମ୍ଭର କ୍ଷମାଶୀଳ ଗୁଣର ଆବଶ୍ୟକତା ଲୋଡୁଅଛି । ହେ ଅଲ୍ଲାଃ ! ମୋର ଦୋଷ ତ୍ରୁଟୀ ଢାଙ୍କି ଦିଅ ଏବଂ ମୋତେ ଭୟରୁ ଶାନ୍ତି ପ୍ରଦାନ କର । ହେ ଅଲ୍ଲାଃ ! ମୋ ଆଗରେ, ପଛରେ, ମୋ ଡ଼ାହଣ ତଥା ବାମ ପକ୍ଷରେ ଏବଂ ଉପରୁ ସ୍ୱୟଂ ନିଜେ ସୁରକ୍ଷା ପ୍ରଦାନ କର । ଆପଣ କୁହନ୍ତି- ମୁଁ ତୁମର ମହାନିୟ ସରଣ ଭିକ୍ଷା କରୁଅଛି କି ଯେପରି ମୁଁ ନିଜ ନିମ୍ନ ପାର୍ଶ୍ୱରୁ କୌଣସି ଅପକର୍ମର ଶୀକାର ହୋଇନଯାଏ ।

ସୁତରାଂ ଯେତେବେଳେ ଆମ୍ଭେ ନିଜ ପାଇଁ ଏପରି ଦୁଆ କରିବା ସେତେବେଳେ ଅନ୍ୟମାନଙ୍କ ପାଇଁ ମଧ୍ୟ ଏହିପରି ଭାବନା ରଖିବା ଯଦ୍ୱାରା ଅଲ୍ଲାଃତାଲା ଆମ୍ଭର ଦୁଆ ସ୍ୱୀକାର କରିବେ । ଅଲ୍ଲାଃତାଲା କରନ୍ତୁ କି ଆମ୍ଭେ ତାଙ୍କର ପ୍ରିତିଭାଜନ ହାସଲକାରୀ ହେଉ ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ନମାଜ ପାଠ କରିବା ପରେ ମୁଁ ଏକ ଜନାଯାଃ ଗାଏବ ମଧ୍ୟ ପାଠ କରିବି ଯାହାକି ଓକିଲ ଶ୍ରୀମାନ ମଲକ୍ ସଲିମ୍ ଲତିଫ୍ ସାହେବ ଜମାଅତ ଅହେମଦିୟା ନନ୍‌କାନା ସାହେବ ପାକିସ୍ତାନଙ୍କର ଅଟେ । ସେ ଶ୍ରୀମାନ ମଲକ୍ ମହମ୍ମଦ ଶଫି ସାହେବଙ୍କର ପୁତ୍ର ଥିଲେ । ଚଳିତ ମାସ ୩୦ ତାରିଖ ଦିନ ସକାଳେ ନିଜ ପୁତ୍ରଙ୍କ ସାଥିରେ କଚେରି ଯିବା ରାସ୍ତାରେ ଜଣେ ଅହେମଦି ବିରୋଧି ବ୍ୟକ୍ତି ତାଙ୍କୁ ୭୦ ବର୍ଷ ବୟସରେ ଗୁଳି କରି ଶହିଦ୍ କରିଦେଲେ । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ ।** ହଜୁର ଅନଓ୍ୱର ଅ.ବ ତାଙ୍କର ଉତମ ଚରିତ୍ର ଚର୍ଚ୍ଚା କରି ବୈକୁଣ୍ଠରେ ଉଚ୍ଚ ସ୍ତର ପ୍ରାପ୍ତି ତଥା ସେମାନଙ୍କ ସନ୍ତାନମାନଙ୍କୁ ଉତମ କର୍ମରେ ଆଗକୁ ବଢିଚାଲିବା ନିମନ୍ତେ ଦୁଆ କରିବା ସହିତ ଅହେମଦି ବିରୋଧି ତଥା ଶତ୍ରୁମାନଙ୍କୁ ଅଲ୍ଲାଃ ଶିଘ୍ର ଧରିବା ନିମନ୍ତେ ଦୁଆ କରାଇଲେ ।

• • • • • • • • • • • • •

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

• • • • • • • • • • • • •

## ଜାମିଆ ଅହେମଦୀୟା କାଦିଆନ୍‌ରେ ନାମଲେଖା

ଜାମିଆ ଅହେମଦୀୟା କାଦିଆନ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ସେହି ପବିତ୍ର ସଂସ୍ଥା ଅଟେ ଯେଉଁଥିରୁ ଏପର୍ଯ୍ୟନ୍ତ ଶହ ଶହ ଓ୍ୱଲେମା ଓ ମୋବଲିଗିନେକରାମ୍ ବିଦ୍ୟା ଅର୍ଜନ କରି ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଦୁନିଆର କୋଣ ଅନୁକୋଣରେ ପହଂଚାଇବାର ଦାୟିତ୍ୱ ବହନ କରିଚାଲିଛନ୍ତି । ସୟଦ୍‌ନା ହଜୁର ଅନୁଓ୍ୱର୍ ଅ:ବ:ଅ ଅନେକ ସମୟରେ ଅହେମଦୀ ଶିକ୍ଷାର୍ଥୀଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧର୍ମୀୟ ସଂସ୍ଥାରେ ଶିକ୍ଷା ଗ୍ରହଣ କରି ସିଲ୍‌ସିଲାର ସେବା କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି । ସୁତରାଂ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ନିର୍ଦ୍ଦେଶାନୁସାରେ ଅଧିକରୁ ଅଧିକ ଓ୍ୱାକିଫିନେ ନୌ ଏବଂ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ଜାମିଆ ଅହେମଦୀୟାରେ ନାମଲେଖାଇ ଧର୍ମୀୟ ଶିକ୍ଷା ହାସଲ କରି ସିଲ୍‌ସିଲ୍‌ାର ଖିଦ୍‌ମତ୍ ପାଇଁ ନିଜକୁ ପେସ୍ କରିବା ଉଚିତ୍ । ତେଣୁ ସେହି ଶିକ୍ଷାର୍ଥୀମାନେ ଯିଏ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଚାହୁଁଛନ୍ତି ସେମାନେ ଓ୍ୱକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) ବିଭାଗ ସହିତ ସମ୍ପର୍କ କରନ୍ତୁ । ଏବଂ ଯଥା ଶିଘ୍ର ଜାମିଆ ଅହେମଦୀୟାର ନାମ ଲେଖା ଫର୍ମ୍ ପୁରଣ କରି ଓ୍ୱକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) କାର୍ଯ୍ୟାଳୟକୁ ପଠାନ୍ତୁ । ସୟଦ୍‌ନା ହଜୁର୍ ଅନୁଓ୍ୱର୍‌ଙ୍କ ମଞ୍ଜୁରୀରେ ଏହି ବର୍ଷର ଜାମଆ ଅହେମଦୀୟାରେ ନାମ ଲେଖାର କାର୍ଯ୍ୟକ୍ରମ ଅପ୍ରେଲ୍ ମାସଠାରୁ ଆରମ୍ଭ ହେଉଅଛି । ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଇଚ୍ଛୁକ ଶିକ୍ଷାର୍ଥୀ ମେଟ୍ରିକ୍ ଏବଂ +୨ ର ପରୀକ୍ଷା ଶେଷ କରି ଫଳ ବାହାରିବା ପୂର୍ବରୁ ମଧ୍ୟ ଅପ୍ରେଲ, ମଇ, ଜୁନ୍ ଓ ଜୁଲାଇ ମାସରେ କାଦିଆନ୍ ଆସି ଜାମିଆ ଅହେମଦୀୟାର ପ୍ରବେଶ ପରୀକ୍ଷା ଦେଇପାରିବେ ।  ମାଟ୍ରିକ୍ ଏବଂ +୨ ଫଳ ବାହାରିବା ପରେ ମାର୍କସିଟ୍ ଦାଖଲ କରିପାରିବେ । ନାମଲେଖା ପାଇଁ ସର୍ତାବଳୀ ନିମ୍ନରେ ଦିଆଗଲା-

**(୧)** ମେଟ୍ରିକ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ବୟସ ସୀମା ୧୭ ବର୍ଷ ଏବଂ +୨ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ୧୯ ବର୍ଷ ଅଟେ । ବୟସ ସୀମାରେ ହୁଫାଜ୍ (ଯେଉଁମାନେ କୋରାନ୍ ହିଫଜ୍ କରିଥିବେ) କରାମ୍‌ଙ୍କ ନିମନ୍ତେ କୋହଳ ହୋଇପାରିବ ।

**(୨)** ଜାମିଆ ଅହେମଦୀୟାରେ ନାମ ଲେଖା ପାଇଁ ନ୍ୟାସିନ୍ୟାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ଓ୍ୱକ୍‌ଫେ ନୌ ଭାରତ ଶିକ୍ଷାର୍ଥୀଙ୍କର ଇଂଟରଭ୍ୟୁ ଓ ଲିଖିତ ପରୀକ୍ଷା ନେବେ ଏବଂ ଜାମିଆ ଅହେମଦୀୟା ପାଇଁ ଚୟନ କରିବେ । ଲିଖିତ ପରୀକ୍ଷାରେ ପବିତ୍ର କୋରାନ୍, ଇସ୍‌ଲାମୀୟ ଅହେମଦୀୟତ୍, ଦୀନୀ ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ଜେନେରାଲ୍ ନଲେଜ୍ ସମ୍ପର୍କୀୟ ପ୍ରଶ୍ନମାନ ହେବ ।

**(୩)** ଲିଖିତ ପରୀକ୍ଷା ଓ ଇଂଟରଭ୍ୟୁରେ ସଫଳ ହୋଇଥିବା ଶିକ୍ଷାର୍ଥୀଙ୍କର ନୁର୍ ହସ୍‌ପିଟାଲ୍ କାଦିଆନ୍‌ରେ ମେଡିକାଲ୍ ଟେଷ୍ଟ୍ କରାଯିବ । ଲିଖିତ ପରୀକ୍ଷା, ଇଂଟରଭ୍ୟୁ ଓ ମେଡିକାଲ୍ ଟେଷ୍ଟ୍‌ରେ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ସୟଦ୍‌ନା ହଜୁର୍ ଅନୁଓ୍ୱର୍‌ଙ୍କ ମଞ୍ଜୁରୀ ଦ୍ୱାରା ଜାମିଆ ଅହେମଦୀୟାରେ ନାମ ଲେଖାଇ ଦିଆଯିବ ।

**(୪)** ଗ୍ରାଜୁଏସନ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାପାଇଁ ଅଗ୍ରାଧିକାର ଦିଆଯିବ ।

ଜିଲାଇ ଅମିର୍ ସାହେବ୍, ଅମିର୍ ଜମାତ୍, ସଦର୍ ଜମାତ୍, ମୋବୋଲ୍ଲିଗିନ୍ ଏବଂ ମୁଅଲ୍ଲିମିନ୍‌କରାମ୍ ଙ୍କୁ ଅନୁରୋଧ କରାଯାଉଛି ଯେ ସିଲ୍‌ସିଲାର ସେବା କରିବା ପାଇଁ ଇଚ୍ଛୁକ ଓ ପୁଣ୍ୟ ପ୍ରତି ଢ଼ଳୁଥିବା ଶିକ୍ଷାର୍ଥୀମାନଙ୍କୁ ଚୟନ କରି ସେମାନଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ପ୍ରସ୍ତୁତି କରାନ୍ତୁ ଏବଂ ଯଥାଶିଘ୍ର ଏପରି ଶିକ୍ଷାର୍ଥୀଙ୍କ ନାମ ଲେଖା ଫର୍ମ୍ ପୁରଣ କରାଇ ଓ୍ୱକ୍‌ଫେ ନୌ ଭାରତ କାର୍ଯ୍ୟାଳୟକୁ ପଠାନ୍ତୁ ।

**ନାମଲେଖା ଫର୍ମ ଇମେଲ୍ ଦ୍ୱାରା ମଗାଇବା ପାଇଁ ଠିକଣା**

qdnwaqfenau@gmail.com

Incharge Waqf-e-Nau Department

Office Waqf-e-Nau India (Nazarat Taleem)

M.T.A Building, Civil Line, Qadian

Dist-Gurdaspur, Punjab, India (PIN-143516)

Contact :- 01872-500975, 9988991775

(ନାଜର୍ ତାଲିମ୍ ଏବଂ ସଦର୍ ନ୍ୟାସ୍‌ନାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ଓ୍ୱକ୍‌ଫେ ନୌ ଭାରତ)

ପୃଷ୍ଠା-୮ ର ଅବଶିଷ୍ଟାଂଶ.....

ମାନବାଧିକାରର ହାଇ କମିଶନର ଥିଲି । ଜେନିଭାଠାରେ ମୋର ସାକ୍ଷାତ୍ ଜମାତ୍ ଅହେମଦୀୟାର ଗୋଟିଏ ଦଳ ସହିତ ହୋଇଥିଲା । ସେବେଠୁ ମୁଁ ଜମାତ୍ ଅହେମଦୀୟାର ଶାନ୍ତି ନିମନ୍ତେ ପ୍ରତିକୂଳ ଅବସ୍ଥାରେ ମଧ ଯେଉଁ ଚେଷ୍ଟା ଅଛି ସେଥିରେ ମୁଁ ପ୍ରଭାବିତ ହୋଇଥିଲି । ଆପଣମାନଙ୍କୁ ଆଜିର ଏହି ଶୁଭ ସନ୍ଧ୍ୟା ମୁବାରକ୍ ହେଉ ।

ଏହାପରେ ମିନିଷ୍ଟର୍ ଅଫ୍ ସାଇନସ କ୍ରିଷ୍ଟି ଡ଼ନ୍‌କନ୍ ନିଜର ବକ୍ତବ୍ୟ ଉପସ୍ଥାପନ କରି କହିଲେ: ମହାମହିମ ଖଲିଫତୁଲ୍ ମସିହ୍, ସରକାରୀ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍, ସିନେଟର୍, ସମ୍ମାନୀୟ ଅତିଥିବୃନ୍ଦ ଏବଂ ବନ୍ଧୁଗଣ ! ମୁଁ ଆପଣ ସମସ୍ତଙ୍କୁ ସଲାମ୍ ଏବଂ ସ୍ୱାଗତମ୍ ଜଣାଉଛି । ଅସ୍‌ସଲାମୋ ଅଲେକୁମ୍ । ମୋ ନାମ କ୍ରିଷ୍ଟି ଡନ୍‌କନ୍ ଆଜି ମୁଁ ଆପଣଙ୍କ ସହିତ ମିଶି ବହୁତ ଖୁସି ଅନୁଭବ କରୁଛି ।

ଆଜି ଏଠାରେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ରହିବା ଆମର ସୌଭାଗ୍ୟ ଅଟେ । ଜମାତ୍ ଅହେଦୀୟାର ପଂଚମ ଖଲିଫା ଓ ପାର୍ଲିଆମେଂଟର ସଭ୍ୟ ବୃନ୍ଦ ଏଠାରେ ଉପସ୍ଥିତ ଅଛନ୍ତି । ପାର୍ଲିଆମେଂଟ୍ ହିଲ୍‌ର ସମସ୍ତ ମେମ୍ବର୍ ଗଣ ଆଜି ଖଲିଫତୁଲ୍ ମସିହ୍‌ଙ୍କ ସହିତ ତାଙ୍କ ଜମାତ୍‌ର ଖୁସି ମନାଇବା ସହିତ ନିଜର ସହଯୋଗ ଦେଖାଇଛନ୍ତି । କାନାଡ଼ାର ପରିଚୟ ମଲ୍‌ଟି କଲ୍‌ଚରାଲ୍‌ଜିମ୍ ଅଟେ । ଆମ ଦେଶ ବିଭିନ୍ନ ରଙ୍ଗ ଓ ଜାତିର ଲୋକଙ୍କ ଦ୍ୱାରା ପ୍ରତିଷ୍ଠିତ । ମୁଁ ଚାହିଁବି ଯେ ଆପଣ ମୋତେ ନିଜର ଭାବ ବ୍ୟକ୍ତ କରିବା ପାଇଁ ମଉକା ଦେବେ । ପୂର୍ବଥର ମୁଁ ଜମାତ୍ ଅହେମଦୀୟା ସହିତ ଧନ୍ୟବାଦ ଅର୍ପଣ ମଉକାରେ ଉପସ୍ଥିତ ଥିଲି । ଯାହା ଏପରି ସମୟ ଥିଲା ଯେଉଁଠି ବନ୍ଧୁବାନ୍ଧବ ଓ ସମ୍ପର୍କୀୟ ମାନଙ୍କର ଧନ୍ୟବାଦ ଅର୍ପଣ କରାଯାଏ । ଏଠିକାର ଅହେମଦିୟା ମୁସ୍‌ଲିମ୍ ଜମାତ୍‌ର ବାର୍ତା ଏହା ଯେ ସେମାନେ ଖଲିଫତୁଲ୍ ମସିହ୍‌ଙ୍କ ଗସ୍ତ ଦ୍ୱାରା ବହୁତ କୃତଜ୍ଞ ଅଛନ୍ତି । ସେମାନେ ଖଲିଫତୁଲ୍ ମସିହ୍‌ଙ୍କର କାନାଡ଼ା ଗସ୍ତକୁ ବହୁତ ଅପେକ୍ଷା କରିଥିଲେ । ଅହେମଦୀୟା ମୁସ୍‌ଲିମ୍ ଜମାତ୍ କାନାଡ଼ାରେ ବିଭିନ୍ନ ଉପାୟରେ ମାନବ ଜାତିର ସେବା କରି ଚାଲିଛି । ସେମାନଙ୍କୁ ମୋହତରମ୍ ମଲକ୍ ଲାଲ୍ ଖାନ୍ ସାହେବ୍‌ଙ୍କ ସହିତ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା ହେଉ ବା ଡାକ୍ତରଖାନା ପାଇଁ ଅର୍ଥ ଜମା କରିବାରେ ହେଉ ବା ପାକିସ୍ତାନ୍‌ରେ ବନ୍ୟା ପ୍ରପିଡ଼ିତଙ୍କ ପାଇଁ ଦାନ ଏକତ୍ରିତ କରିବା ହେଉ । ପ୍ରତ୍ୟେକ ମଉକାରେ ଜମାତ୍ ଅହେମଦୀୟା ନିଜର ସ୍ଲୋଗାନ୍ ''ମୋହବତ୍ ସବ୍ କେଲିଏ, ନଫରତ୍ କିସି ସେ ନେହିଁ'' ଲଗାଇ ଚାଲିଛନ୍ତି । Fort McMurray ର ଦୁର୍ଘଟଣା ପରେ ଆପଣମାନେ ହଜାର୍ ହଜାର୍ ଡ଼ଲାର୍ ସେହି ଲୋକମାନଙ୍କୁ ଅର୍ପଣ କଲେ ଯେଉଁମାନେ ଉକ୍ତ କଠିନ ପରିସ୍ଥିତିରେ ପ୍ରଭାବିତ ହୋଇଥିଲେ । ସେହିପରି ଆପଣମାନେ ସର୍ବଦା ମାନବ ଜାତିର ସେବା କରି ଚାଲିଛନ୍ତି । କେବେ ମିଲିୟନ୍ ପାଉଣ୍ଡ ଖାଦ୍ୟ ଏକତ୍ରିତ କରି ବା କେବେ ବିଭିନ୍ନ ଗୋଷ୍ଠୀର ଲୋକମାନଙ୍କୁ ଓ ଆଶ୍ରୟ ନେଇଥିବା ଲୋକମାନଙ୍କର ଆଶ୍ରୟସ୍ଥଳର ବ୍ୟବସ୍ଥା କରାଇ ସେବା କରି ଚାଲିଛନ୍ତି । ଆମେ ଆପଣଙ୍କର ଚେଷ୍ଟାକୁ ସହୃଦୟର ସହିତ ଧନ୍ୟବାଦ ଅର୍ପଣ କରୁଛୁ । ମୋର ଏହା ସୌଭାଗ୍ୟ ଯେ ମୁଁ ଆପଣଙ୍କର ସ୍ନେହ, ଅତିଥି ସତ୍କାର ଓ ମାନବ ସେବାକୁ ପ୍ରତ୍ୟହ ନିଜ କାର୍ଯ୍ୟାଳୟରେ ଦେଖୁଅଛି । ଜଣେ ଯୁବତୀ ଯାହାଙ୍କ ନାମ ତାହିରା ସଫ୍‌କତ୍ ଅଟେ । ସେ ଜମାତ୍ ଅହେମଦୀୟାର ସଦସ୍ୟ ଅଟନ୍ତି । ମୋ କାର୍ଯ୍ୟାଳୟରେ ବହୁତ ଭଲ କାର୍ଯ୍ୟ କରୁଛନ୍ତି । ସେ ଲୋକମାନଙ୍କର ସେବା ପାଇଁ ବହୁତ ପରିଶ୍ରମ କରିଛନ୍ତି । ମୁଁ ଆଶା କରୁଛି ଯେ ଆପଣଙ୍କର ବହୁତ ଲୋକ ଏହି ଦୃଷ୍ଟାନ୍ତରୁ ପ୍ରଭାବିତ ହୋଇ ଏପରି ସେବା କରିଚାଲିବେ । ଆମେ ସମସ୍ତେ ଆଜି ଏଠାରେ ଏକତ୍ରିତ ହୋଇଛେ ଏବଂ ଖଲିଫତୁଲ୍ ମସିହ୍‌ଙ୍କର କୁଶଳର ସହିତ ଫେରିଯିବା ପାଇଁ ପ୍ରାର୍ଥନା କରୁଅଛେ । ଧନ୍ୟବାଦ !

ଏହାପରେ କମିଶନର୍ ଡ଼ାଃ ଜେମସ୍ ଜୈଗି (ଯାହାଙ୍କ ସମ୍ପର୍କ ଆମେରିକାର କାର୍ଯ୍ୟାଳୟ ଇଂଟର୍ ନ୍ୟାସିନାଲ୍ ରିଲିଜିୟସ୍ ଫ୍ରିଡମ୍ ସହିତ ଅଛି) ନିଜର ବକ୍ତବ୍ୟ ଉପସ୍ଥାପନ କରି କହିଲେ ମହାମହିମ ଖଲିଫତୁଲ୍ ମସିହ୍, ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଓ ସମ୍ମାନୀୟ ଅତିଥି ବୃନ୍ଦ ମୁଁ ଆଜି ଏଠାରେ ଆପଣଙ୍କ ଗହଣରେ ଥିବାରୁ ବହୁତ ଖୁସି ଅନୁଭବ କରୁଛି । ମୁଁ ୱେଷ୍ଟ କମିଶନ୍ ଇଂଟର୍ ନ୍ୟାସିନାଲ୍ ରିଲିଜିୟସ୍ ଫ୍ରିଡମ୍ ତରଫରୁ ଆପଣ ସମସ୍ତଙ୍କୁ ଶାନ୍ତି ଓ ସୌହାର୍ଦ୍ଧ୍ୟର ବାର୍ତା ଦେଉଅଛି । ମୋ କାନାଡ଼ାର ବନ୍ଧୁମାନେ ! ମୁଁ ଆପଣଙ୍କୁ ହୃଦୟର ଅନ୍ତରରୁ ଜଣାଇବାକୁ ଚାହୁଁଛି ଯେ ମୋତେ ବହୁତ ଖୁସି ଲାଗିଲା ଯେତେବେଳେ ଆପଣଙ୍କ ପ୍ରଧାନମନ୍ତ୍ରୀ ଶିରିଆର ଶରଣାର୍ଥୀମାନଙ୍କୁ ସରଳ କିନ୍ତୁ ଜୋରଦାର୍ ଶବ୍ଦଦ୍ୱାରା ସ୍ୱାଗତ୍ କରିଲେ । ''ଆପଣମାନଙ୍କୁ ନୂଆ ଘରେ ସ୍ୱାଗତମ୍'' ଏହି ବାକ୍ୟ ଦ୍ୱାରା କାନାଡ଼ାର ବ୍ୟବହାର ଏବଂ ସରକାରଙ୍କ ଉତମ କୁଟନୀତି ବାରି ହେଉଥିଲା । ତାଙ୍କର ଶବ୍ଦଗୁଡିକ ମୋ ନିଜ ପାଇଁ ବହୁତ ମହତ୍ୱପୂର୍ଣ୍ଣ ଅଟେ । କାରଣ ମୋ ବାପା ୧୦୦ ବର୍ଷ ପୂର୍ବେ ଶରଣାର୍ଥୀ ହୋଇ ମାଉଂଟ୍ ଲେବନାନ୍‌ରୁ ଯାତ୍ରା କରି ଶିରିଆ ପାସ୍‌ପୋର୍ଟ ସହିତ କାନାଡ଼ାରେ ପ୍ରବେଶ କରିଥିଲେ । ସେ ଚେଷ୍ଟା କରିଥିଲେ ଯେ ସେ ନ୍ୟୁୟର୍କ ଆମେରିକାର ନିଜ ସମ୍ପର୍କୀୟଙ୍କ ସହିତ ମିଳିଯିବେ କାରଣ ଶିରିଆ ବାସୀଙ୍କ ପାଇଁ ଆମେରିକାର ଭିଜା ନେବାକୁ କଷ୍ଟ ଥିଲା । ମୋ ବାପାଙ୍କୁ ବେଆଇନ୍ ରୂପେ ଆମେରିକାରେ କୌଣସି କାଗଜପତ୍ର ବିନା ଦାଖଲ ହେବାକୁ ପଡ଼ିଥିଲା । ଦଶ ବର୍ଷ ପରେ ତାଙ୍କୁ ସୁଗମତା ପ୍ରାପ୍ତ ହେଲା । ସେ ୧୯୪୨ ରେ ଆମେରିକାର ନାଗରିକତା ହାସଲ କଲେ । ମୁଁ ତାଙ୍କର ନାଗରିକତ୍ୱର ସାର୍ଟିଫିକେଟ୍‌କୁ ନିଜ କାର୍ଯ୍ୟାଳୟରେ ଲଗାଇଛି । ତା ସହିତ ମୋର ଆମେରିକାନ୍ ସଦାରତି ଆପଏଂଟ୍‌ମେଂଟ୍ ମଧ ଲଗାଯାଇଛି । ଯେଉଁଥିରୁ ଜଣାପଡ଼େ ଯେ ମୁଁ ଆମେରିକାନ୍ କମିଶନ୍‌ର ମେମ୍ବର୍ ଅଛି । ଏହା ମୋର ନିଜର କାହାଣୀ ଅଟେ । ସେଥିଯୋଗୁଁ କାନାଡ଼ା ମଧ ମୋର ଦେଶ ଅଟେ । ଏଥିରୁ ପ୍ରମାଣିତ ହେଉଛି ଯେ ଆମେ ସର୍ବଦା ଉନ୍ନତି କରୁଅଛୁ । ଯେଉଁଥିରେ କାନାଡ଼ାର ସୁଲାହା ପସନ୍ଦ ଓ ଲୋକମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ମଉକା ଦେବା ବା ସ୍ୱାଧୀନ ଦେବାପାଇଁ ଚେଷ୍ଟା ପ୍ରମାଣିତ ହୁଏ । ଆମେ ଆପଣ ସମସ୍ତଙ୍କ ସହିତ ଯେଉଁମାନେ କାନାଡ଼ାରେ ରହୁଛନ୍ତି ଏହିପରି ପ୍ରତ୍ୟେକ ବ୍ୟବସ୍ଥାକୁ ପସନ୍ଦ କରୁଛୁ ।

ଖଲିଫତୁଲ୍ ମସିହ୍ ! ଆମେରିକାନ୍ କମିଶନ୍ ଇଂଟର୍ ନ୍ୟାସିନାଲ୍ ରିଲିଜିଅସ୍ ଫ୍ରିଡ୍‌ମ୍ ତରଫରୁ ମୋତେ ବହୁତ ସମ୍ମାନ ଦିଆଯାଇଛି ଯେ ଆଜି ମୁଁ ଆପଣଙ୍କ ସହିତ ଅଛି । କମିଶନ୍‌ର ଲମ୍ବା ଇତିହାସ୍ ଜମାତ୍ ସହିତ ମିଶିକରି ସେବା କରିବା ଅଟେ । ଜମାତ୍ ଅହମଦୀୟା ସର୍ବଦା ଏପରି ପ୍ରଭାବିତ କରିଥାଏ ଯେ ଆପଣମାନଙ୍କ ଉପରେ ବହୁତ ଅତ୍ୟାଚାର ହେଉଥିବା ସତ୍ୱେ ଆପଣମାନେ ଅନ୍ୟ ଉତ୍ପିଡ଼ୀତ ଲେକଙ୍କ ସହିତ ବହୁତ ଉତମ ବ୍ୟବହାର କରିଚାଲିଛନ୍ତି । ଦୁନିଆରେ ଧୈର୍ଯ୍ୟ ବହୁତ କମ୍ ହେଉଛି । କିନ୍ତୁ ଜମାତ୍ ଅହେମଦୀୟା ଭାତୃଭାବ ଓ ମାନବିକ ଅଧିକାର ଉପରେ ଜୋର୍ ଦେଇ ଚାଲିଛି ।

ଆପଣଙ୍କ ପରି ଆମେ ଏହା ମଧ ମାନୁଛୁ ଯେ ନିଜ ଧର୍ମ ଉପରେ ଶାନ୍ତି ଓ ସ୍ୱାଧୀନତାର ସହିତ ଅମଳ କରବା ମନୁଷ୍ୟର ମୂଳ କର୍ତବ୍ୟ ଅଟେ ଯାହାର ସମ୍ମାନ ହେବା ଉଚିତ୍ । ସରକାର ବା ସରକାରଙ୍କ କୌଣସି କାର୍ଯ୍ୟକର୍ତାଙ୍କୁ ଏହାର ଖିଲାପ୍‌ରେ କାର୍ଯ୍ୟ କରିବା ଉଚିତ୍ ନୁହେଁ । ଦୁଃଖର ସହିତ କହିବାକୁ ପଡୁଛି ଯେ ଏହି ସତ୍‌କାର୍ଯ୍ୟ ଉପରେ ଅମଲ ହେଉନାହିଁ । ଏହିପରି ଦୁଃଖର ବିଷୟ ଏହା ଯେ ଗୋଟିଏ ପଟେ ତ ଆମେ ସବୁ ମାନୁଛେ ଯେ ଧର୍ମୀୟ ସ୍ୱାଧୀନତା ଗୋଟିଏ ମୌଳିକ ଅଧିକାର ଅଟେ । କିନ୍ତୁ ଏହି ମୌଳିକ ଅଧିକାରକୁ ବାରମ୍ବାର କ୍ଷୁର୍ଣ୍ଣ କରାଯାଉଛି । ସେଥିରେ ଆମ ସମସ୍ତଙ୍କର ଭୁଲ୍ ଅଛି । ସେଥିପାଇଁ ଆମକୁ ନମ୍ରତାର ସହିତ ସଜାଗ ହୋଇ ଏହି ସ୍ୱାଧୀନତା ପାଇଁ ଲଢ଼ିବାକୁ ହେବ । ଆମମାନଙ୍କ ମଧ୍ୟରୁ ବହୁତଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରିଦିଆଯାଉଛି । ବହୁତ ଲୋକଙ୍କୁ ଧମକ ଦିଆଯାଉଛି ଓ ଅତ୍ୟନ୍ତ କଷ୍ଟଦାୟ ଦୁଃଖ କେବଳ ଏଥିପାଇଁ ଦିଆଯାଉଛି ଯେ ସେମାନେ

ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ....

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.2 Thursday 04 MAY 2017 Issue No. 18**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

# କାନାଡ଼ିଆନ୍ ପାର୍ଲିଆମେଂଟ୍‌ରେ ସୟ୍ୟଦନା ହଜୁର ଅନୁଓ୍ୱର୍‌ଙ୍କ ଆଗମନ ଅବସରରେ ଗୋଟିଏ ସଭାର ଆୟୋଜନ । ଏହି ମଉକାରେ ସାର୍ ମହମ୍ମଦ୍ ଜଫରୁଲ୍ଲାଃ ଖାନ୍ ଆୱାର୍ଡ଼ର ଘୋଷଣାଏବଂ ପାର୍ଲିଆମେଂଟ୍ ମେମ୍ବର୍‌ମାନଙ୍କର ଭାଷଣ

ତା-୧୭ ଅକ୍ଟୋବର ୨୦୧୬ ରିଖ ଦିନ ହଜୁର ଅନୁଓ୍ୱର ଅ:ବ:ଅ କାନାଡ଼ାର ପାର୍ଲିଆମେଂଟ୍ ''ପାର୍ଲିଆମେଂଟ୍ ହିଲ୍''ରେ ପଦାର୍ପଣ କଲେ । ହଜୁର୍ ଅନୁଓ୍ୱର୍‌ଙ୍କୁ ପାର୍ଲିଆମେଂଟ୍‌ରେ ଭବ୍ୟ ସ୍ୱାଗତ କରାଗଲା । ପାର୍ଲିଆମେଂଟ୍‌ରେ ବିଭିନ୍ନ ସିନେଟ୍ ଓ ମିନିଷ୍ଟର୍ ହଜୁର୍‌ଙ୍କ ସହିତ ସାକ୍ଷାତ୍ କଲେ । ହଜୁର୍ ଅନୁଓ୍ୱର ପାର୍ଲିଆମେଂଟ୍‌ରେ ଦୁନିଆର ଅବସ୍ଥା ଏବଂ ଶାନ୍ତି ପ୍ରତିଷ୍ଠା ପ୍ରସଙ୍ଗରେ ବିଜ୍ଞତାପୂର୍ଣ୍ଣ ଭାଷଣ ପ୍ରଦର୍ଶନ କଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣକୁ ଜ୍ଞାନୀ, ରାଜନିତୀଜ୍ଞ ଏବଂ ଜୀବନର ବିଭିନ୍ନ ବିଭାଗରେ ସମ୍ପର୍କ ରଖିଥିବା ଲୋକମାନେ ବହୁତ ପସନ୍ଦ କଲେ ଏବଂ ନିଜର ସୁନ୍ଦର ଭାବ ବ୍ୟକ୍ତ କଲେ । ହଜୁର୍ ଅନୁଓ୍ୱର୍‌ଙ୍କର ଉକ୍ତ ଦିନର କାର୍ଯ୍ୟାବଳୀ ବହୁତ ଇମାନ୍ ଅଫରୋଜ୍ ଥିଲା । ତେଣୁ ପାଠକଙ୍କ ନିମନ୍ତେ ଉକ୍ତ ଦିନର ସମ୍ପୂର୍ଣ୍ଣ କାର୍ଯ୍ୟାବଳୀ ଆସନ୍ତା କିଛି ଅଙ୍କରେ ଧାରାବାହିକ ରୂପେ ପ୍ରକାଶ କରାଯାଉଅଛି । (ଏଡ଼ିଟର୍)

## ପଂଚମ ଭାଗ

ପ୍ରୋଗ୍ରାମ୍‌ର ଶୁଭାରମ୍ଭ ପବିତ୍ର କୋରାନ୍‌ର ଆବୃତି ଦ୍ୱାରା ହେଲା ଯାହ ମୁକରମ୍ ଶେଖ୍ ଅବ୍‌ଦୁଲ୍ ହାଦି ସାହେବ୍ ପାଠ କରିଲେ ଏବଂ ପରେ ତାର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ ।

ଏହାପରେ ଆସିଫ୍ ଖାନ ସାହେବ (ସେକ୍ରେଟାରୀ ଉମୁରେ ଖାର୍‌ଜା) ନିଜର ପରିଚୟ ମୂଳକ ବକ୍ତବ୍ୟ ଉପସ୍ଥାପନ କରି କହିଲେ ଆଜି ଆମେ ଏଠାରେ ଜନ୍ ମ୍ୟାକ୍‌ଡୋନାଲ୍‌ଡ଼୍ ପ୍ରାସାଦରେ ଉପସ୍ଥିତ ଅଛେ । ଜମାତ୍ ଅହେମଦୀୟା ତରଫରୁ ଆମେ କାନାଡ଼ା ସରକାରଙ୍କୁ ଧନ୍ୟବାଦ ଅର୍ପଣ କରୁଛୁ । ଏବଂ ତତ୍ ସହିତ ପାର୍ଲିଆମେଂଟ୍‌ର ଫ୍ରିଡମ୍ ଆସୋସିଏସନ୍‌ର ସଭାପତି ଜୋଡ଼ି ସିଗ୍ରୋ ସାହେବଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରୁଛୁ । ଯିଏ ଆଜିର ଏହି ପ୍ରୋଗ୍ରାମ୍‌କୁ ରୂପ ଦେଲେ । ମୁଁ ଜମାତ୍ ଅହେମଦୀୟା ତରଫରୁ ସମସ୍ତ ମାନ୍ୟଗଣ୍ୟ ଅତିଥି ବୃନ୍ଦଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରୁଛି । ଯେଉଁମାନଙ୍କ ମଧ୍ୟରେ ମିନିଷ୍ଟର୍, ପାଲିଆମେଂଟ୍ ମେମ୍ବର୍, ସିନେଟର୍, ବିଭିନ୍ନ ଦେଶର ରାଜଦୂତ, ଧର୍ମୀୟ ପଥ ପ୍ରଦର୍ଶକ ଓ ଅନ୍ୟାନ୍ୟ ବିଭାଗ ସହିତ ସମ୍ପର୍କ ରଖିଥିବା ଅତିଥିଗଣ ସାମିଲ୍ ଅଛନ୍ତି ।

## ସାର୍ ମହମ୍ମଦ୍ ଜଫ୍‌ରୁଲ୍ଲାଃ ଖାନ ଆୱାର୍ଡ୍

ପ୍ରୋଗ୍ରାମ୍‌ର ଆରମ୍ଭରେ ''ସାର୍ ମହମ୍ମଦ୍ ଜଫ୍‌ରୁଲ୍ଲାଃ ଖାନ ଆୱାର୍ଡ'' ର ଉତ୍ସବ ଅନୁଷ୍ଠିତ ହେବ, ଯାହା ଲୋକସେବା ନିମନ୍ତେ ଦିଆଯାଏ । ଏହି ଆୱାର୍ଡ଼ର ଘୋଷଣା ବିଗତ ସପ୍ତାହ ଜଲ୍‌ସା ସାଲାନା କାନାଡାର ଅବସରରେ ମଧ୍ୟ ହୋଇଥିଲା ଯେଉଁଠ ୩୬ ହଜାର୍ ଲୋକ ଉପସ୍ଥିତ ଥିଲେ ।

ସାର୍ ମହମ୍ମଦ୍ ଜଫ୍‌ରୁଲ୍ଲାଃ ଖାନ ଆୱାଡ ସେହି ବ୍ୟକ୍ତିଙ୍କୁ ଦିଆଯାଏ ଯେଉଁମାନେ ଜନସାଧାରଣଙ୍କର ଓ ମାନବ ସମାଜ ପାଇଁ ଅସାଧାରଣ ସେବା କରିଥାନ୍ତି । ସାର୍ ଜଫ୍‌ରୁଲ୍ଲାଃ ଖାନ୍ ପାକିସ୍ତାନ୍‌ର ପ୍ରତିଷ୍ଠାତାମାନଙ୍କ ମଧ୍ୟରୁ ଜଣେ ଥିଲେ । ଏବଂ ପାକିସ୍ତାନ୍‌ର ପ୍ରସ୍ତାବ ଆପଣଙ୍କ କଲମ ଦ୍ୱାରା ଲେଖା ହୋଇଥିଲା । ଆପଣ ପାକିସ୍ତାନ୍‌ର ପ୍ରଥମ ବୈଦେଶିକ ମନ୍ତ୍ରୀ ଥିଲେ । ଜାତିସଂଘରେ ପାକିସ୍ତାନର ପ୍ରତିନିଧିତ୍ୱ କରିବାର ସୌଭାଗ୍ୟ ହାସଲ କରିଥିଲେ । ଆପଣଙ୍କୁ ୧୯୬୨ ମସିହାରେ ଜାତିସଂଘର ଜେନେରାଲ୍ ଆସେମ୍ବ୍‌ଲିର ସଭାପତି ରୂପେ ନିର୍ବାଚିତ କରାଗଲା । ୧୯୭୦-୧୯୭୩ ପର୍ଯ୍ୟନ୍ତ ଆପଣ ଆନ୍ତର୍ଜାତିକ ବିଚ୍ଛର ବିଭାଗୀୟ ବିଶ୍ୱ ଅଦାଲତ୍ ହେକ୍ ଠାରେ ମୁଖ୍ୟ ବିଚ୍ଛରପତି ରୂପେ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ଆପଣ ନା କେବଳ ସାଂସାରିକ ଜୀବନରେ ସଫଳ ଥିଲେ ବରଂ ଆପଣଙ୍କର ଧର୍ମ ସମ୍ବନ୍ଧୀୟ ଜ୍ଞାନ ବହୁତ ଥିଲା । ଆପଣ ଜଣେ ନୈଷ୍ଟିକ ଅହେମଦୀ ଥିଲେ । ଆପଣଙ୍କୁ ଏ କଥାରେ ବହୁତ ଗର୍ବ ଅନୁଭବ ହୋଇଥିଲା ଯେ ଆପଣ କମ୍ ବୟସରୁ ଜମାତ୍ ଅହେମଦୀୟାରେ ସାମିଲ୍ ହୋଇଥିଲେ ଓ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତାଙ୍କ ହାତରେ ବୟତ୍ କରିଥିଲେ । ନିଜ ଜୀବନରେ ବହୁତ ସଫଳ ହୋଇଥିଲେ ମଧ୍ୟ ଆପଣ ବହୁତ ସରଳ ଓ ବିନମ୍ରତାର ଜୀବନ ଅତିବାହିତ କରୁଥିଲେ । ଅହେମଦୀୟତ୍‌ର ଜଣେ ପ୍ରସିଦ୍ଧ ବ୍ୟକ୍ତି ଡାଃ ଅବ୍‌ଦୁସ୍ ସାଲାମ୍ ନୋବଲ୍ ସାର୍ ଜଫ୍‌ରୁଲ୍ଲାଃ ଖାନ୍‌ଙ୍କ ବିଷୟରେ ଚର୍ଚ୍ଚା କରି କହୁଛନ୍ତି ଯେ ରିଟାର୍ଡ଼ମେଂଟ୍ ପରେ ଜଫ୍‌ରୁଲ୍ଲାଃ ଖାନ୍ ସାହେବ ନିଜର ସମସ୍ତ ଜମା ପୁଞ୍ଜି ପୁଣ୍ୟ କାର୍ଯ୍ୟ ପାଇଁ ଅର୍ପଣ କରିଥିଲେ । ତେଣୁ ସାର୍ ଜଫ୍‌ରୁଲ୍ଲାଃ ଖାନ୍ ପୁରସ୍କାର ଏପରି ବ୍ୟକ୍ତିଙ୍କୁ ଦିଆଯାଇଥାଏ ଯେଉଁମାନେ ସମାଜରେ ନିଷ୍ଠାର ସହିତ ମନୁଷ୍ୟ ଜାତିର ସେବାପାଇଁ ନିଜକୁ ଉତ୍ସର୍ଗ କରିଥାନ୍ତି ।

ଏହିବର୍ଷ ଯେଉଁ ବ୍ୟକ୍ତି ବିଶେଷଙ୍କୁ ଏହି ଆୱାର୍ଡ଼ ଦିଆଯାଉଅଛି ସେହି ବ୍ୟକ୍ତି ଶିକ୍ଷ୍ୟା ଓ ମାନବିକ ଅଧିକାର ପାଇଁ ବହୁତ ଲମ୍ବା ସମୟ ସେବା କରିଛନ୍ତି । ୭୦ ଓ ୮୦ ଦଶକରେ ତାଙ୍କର ସୁପ୍ରିମ୍ କୋର୍ଟ ଅଫ୍ ଏଂଟାରିଓରେ ନିଯୁକ୍ତି ହେଲା । ୧୯୮୭ରେ ହାଇକୋର୍ଟ ଅଫ୍ ଜଷ୍ଟିସ୍ ଏବଂ ୧୯୯୦ ରେ କୋର୍ଟ ଅଫ୍ ଅପିଲ୍‌ରେ ନିଯୁକ୍ତି ପାଇଲେ । ୧୯୯୯ ରେ ତାଙ୍କର ନିଯୁକ୍ତି ସୁପ୍ରିମ୍ କୋର୍ଟ ଅଫ୍ କାନାଡ଼ାରେ କରିଦିଆଗଲା । ଏହି ବର୍ଷ ପୁରସ୍କାର ପ୍ରାପ୍ତ ଏହି ବ୍ୟକ୍ତି ବିଶେଷ ୨୭ଟି ୟୁନିଭର୍‌ସିଟିରୁ ପୁରସ୍କାର ହାସଲ କରିସାରିଛନ୍ତି । ସେ ମାନବାଧିକାର ହାସଲ କରିବା ପ୍ରସଙ୍ଗରେ ଅହରହ ଚେଷ୍ଟା ଚଲାଇଛନ୍ତି । ୨୦୦୪ ରେ ରିଟାର୍ଡ଼ମେଂଟ୍ ପରେ ଆପଣଙ୍କର ନିଯୁକ୍ତି ଜାତିସଂଘରେ ମାନବାଧିକାର ହାଇ କମିଶନର୍ ରୂପେ ହୋଇଥିଲା । ଜଣେ ନିର୍ଭୟ ଓ ବାହାଦୂର୍ ଲିଡର୍ ରୂପେ ଆପଣ ୨୦୦୭ ରୁ ''କମ୍ପାନିଅନ୍ ଅଫ୍ ଦି ଅର୍ଡ଼ର୍ ଅଫ୍ କାନାଡ଼ା'' ରହିଛନ୍ତି । ବହୁତ ଖୁସି ଏବଂ ଆନନ୍ଦର ସହିତ ୨୦୧୬ର ସାର୍ ଜଫ୍‌ରୁଲ୍ଲାଃ ଖାନ୍ ଆୱାର୍ଡ଼ ଅନେରେବୁଲ୍ ଲୁଇ ଆର୍‌ବର୍‌ଙ୍କୁ ଦିଆଯାଉଛି ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୋହତର୍‌ମା ଲୁଇ ଆର୍‌ବର୍ ସାହାବାଙ୍କୁ ଏହି ଆୱାର୍ଡ଼ ପ୍ରଦାନ କଲେ । ଏହାପରେ ଅନେରେବୁଲ୍ ଲୁଇ ଆର୍‌ବର୍ ନିଜର ଭାଷଣରେ କହିଲେ: ମହାମହିମ ଖଲିଫତୁଲ୍ ମସିହ୍ ! ସମ୍ମାନୀୟ ଅତିଥି ବୃନ୍ଦ ଓ ଉପସ୍ଥିତ ସଭା ସଜ୍ଜନ ବୃନ୍ଦ ମୁଁ ଅଳ୍ପ କିଛି କହି ମୋ ଭାବକୁ ବ୍ୟକ୍ତ କରିବାକୁ ଚାହେଁ ଯେ ଏହି ଆୱାର୍ଡ଼ ମୋ ପାଇଁ ଏକ ଗୌରବର ବିଷୟ । ଏହି ଆୱାର୍ଡ଼ ସେହି ବ୍ୟକ୍ତିଙ୍କ ନାମରେ ନାମିତ ଯିଏ ଜଣେ ମହାନ୍ ଜ୍ଞାନୀ, ଓକିଲ, ଜଜ୍ ଓ ରାଷ୍ଟ୍ରୀୟ ପ୍ରତିନିଧି ଥିଲେ । ଏହା ମୋ ପାଇଁ ମଧ୍ୟ ସୌଭାଗ୍ୟର ବିଷୟ ଯେ ମୁଁ ସେହି ନାମ ସହିତ ଜଡ଼ିତ ହୋଇପାରିବି । କାରଣ ସାର୍ ଜଫ୍‌ରୁଲ୍ଲାଃ ଖାନ୍ ଆନ୍ତର୍ଜାତିୟ କୋର୍ଟ ଅଫ୍ ଜଷ୍ଟିସ୍‌ର ମୁଖ୍ୟ ବିଚ୍ଛରପତି ଥିଲେ ଏବଂ ମୁଁ ସେହି ଅଦାଲତ୍‌ର ଜଣେ କାର୍ଯ୍ୟକର୍ତ୍ତା ଅଟେ । ମୁଁ ଆପଣଙ୍କର ଧ୍ୟାନ ଆକର୍ଷଣ କରିବାକୁ ଚାହେଁ ଯେ ମୋର ପ୍ରଥମଥର ପରିଚୟ ଜମାତ୍ ଅହେମଦୀୟା ସହିତ ସେ ସମୟରେ ହେଲା ଯେବେ ମୁଁ ଜାତିସଂଘରେ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ....*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**